ବର୍ଷ-୨୬, ସଂଖ୍ୟା-୩୦୯
ଭୁବନେଶ୍ୱର
ନଭେମ୍ବର, ୧୯, ୨୦୨୬ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 309
Bhubaneswar
November, 19, 2026, Thursday
Page-08, Rs.: 2.00

ମହାଭାରତ
Mahabharat

RNI Regd. No.: ODIODI2000/03863
Website : www.mahabharataepaper.com



ଫୁଲବାଣୀରେ
'ଡାକମୁନ୍‌ସୀ'
ଫିଲ୍ମର ଟିମ୍

ଅକଓ୍ୱାନ'ର ମୁକାବିଲା ପାଇଁ ରାଜ୍ୟ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ : ମୁଖ୍ୟମନ୍ତ୍ରୀ

ନର୍ସାପୁର-ପୁରୀ ମଧ୍ୟରେ ସ୍ଥଳଭାଗ ଛୁଇଁବାର ସମ୍ଭାବନା

ପାହାଡ ତଳି ଅଞ୍ଚଳରୁ ଲୋକଙ୍କୁ ସ୍ଥାନାନ୍ତର କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ନିର୍ଦ୍ଦେଶ

୧୧ ଜିଲ୍ଲାକୁ ରେଡ୍‌ଓ୍ୱାର୍ଣ୍ଣିଙ୍ଗ

୭ ବରିଷ୍ଠ ଆଇଏଏସ ଅଧିକାରୀଙ୍କୁ ସାତଟି ଜିଲ୍ଲାର ତଦାରଖ ଦାୟିତ୍ୱ



ଭୁବନେଶ୍ୱର,୧୮।୧୧(ମହାଭାରତ): ସମ୍ଭାବ୍ୟ ବାତ୍ୟା 'ଅକଓ୍ୱାନ'ର ମୁକାବିଲା ଏବଂ ଏହାର ସମସ୍ତ ପ୍ରସ୍ତୁତି ପର୍ବକୁ ନେଇ ଆଜି ରାଜ୍ୟ ଏସ.ଆର.ସି. କଣ୍‌ଟ୍ରୋଲ ରୁମ୍ ?ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ତଥା ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ବୈଠକରେ ଅଧ୍ୟକ୍ଷତା କରି ସମଗ୍ର ସ୍ଥିତିର ସମୀକ୍ଷା କରିଥିବାବେଳେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମଧ୍ୟ ଉପସ୍ଥିତ ରହି ବିଭିନ୍ନ ବିଭାଗର ପ୍ରସ୍ତୁତିର ଅନୁଧ୍ୟାନ କରିଛନ୍ତି।

ଏହି ଅବସରରେ ଗଣମାଧ୍ୟମକୁ ସୂଚନା ପ୍ରଦାନ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ରାଜ୍ୟ ସରକାର ଏହାର ମୁକାବିଲା କରିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ପ୍ରତିଥର ଭଳି ଏଥର ମଧ୍ୟ ଆମର ଲକ୍ଷ୍ୟ ହେଉଛି 'ଜିରୋ କାଜୁଆଲଟି' । ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ପହଞ୍ଚାଇବା ପାଇଁ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀଗୁଡ଼ିକ ପ୍ରସ୍ତୁତ କରାଯାଇଛି। ବିଶେଷକରି ପାହାଡ ତଳି ଅଞ୍ଚଳରେ ଥିବା ସବୁ ଲୋକଙ୍କୁ ସ୍ଥାନାନ୍ତରିତ କରିବା ପାଇଁ ସେ ଦୃଢ଼ ନିର୍ଦ୍ଦେଶ ଦେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ବାତ୍ୟା ପାଇଁ ଏସଆରସିଙ୍କ କଣ୍‌ଟ୍ରୋଲ ରୁମ୍ ?ରେ ଆଜିଠାରୁ ଜଣେ ଲେଖାଏଁ ଅଭିଜ୍ଞ ଅଧିକାରୀଙ୍କ ପରିଚାଳନାରେ ୨୪ ଘଣ୍ଟିଆ ମନିଟରିଙ୍ଗ୍ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଆଜି ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡକ୍ଟର ଅରବିନ୍ଦ ପାଢ଼ୀ ମନିଟରିଙ୍ଗ୍ ଦାୟିତ୍ୱରେ ଅଛନ୍ତି ।ପାଣିପାଗ ବିଭାଗର ସୂଚନା ଓ ଆକଳନ ଅନୁଯାୟୀ, ଏହି ବାତ୍ୟାଟି ଆସନ୍ତା ନଭେମ୍ବର ୨୦ ତାରିଖ ମଧ୍ୟାହ୍ନରେ ଉତ୍ତର ଆନ୍ଧ୍ରପ୍ରଦେଶର ନର୍ସାପୁର ଏବଂ ପୁରୀ ମଧ୍ୟରେ ସ୍ଥଳଭାଗ (ଲ୍ୟାଣ୍ଡଫଲ୍) ଅତିକ୍ରମ କରିବାର ସମ୍ଭାବନା ରହିଛି ।ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସହିତ ଘଣ୍ଟାପ୍ରତି ୯୦ ରୁ ୧୦୦ କିଲୋମିଟର ଏବଂ କେତେକ ସ୍ଥାନରେ ୧୧୦ କିଲୋମିଟର ପର୍ଯ୍ୟନ୍ତ ପ୍ରବଳ ଝଟକା ପବନ ବହିବାର ଆଶଙ୍କା ରହିଛି। ୧୧ଟି ଜିଲ୍ଲାକୁ ରେଡ୍‌ଓ୍ୱାର୍ଣ୍ଣିଙ୍ଗ୍ ଅଛି । ଏହି ଜିଲ୍ଲାଗୁଡ଼ିକ ହେଲା- ମାଲକାନଗିରି, କୋରାପୁଟ, ରାୟଗଡା, କଳାହାଣ୍ଡି, ଗଜପତି, ଗଞ୍ଜାମ, କନ୍ଧମାଳ, ବୌଦ୍ଧ, ପୁରୀ, ନୟାଗଡ଼ ଏବଂ ଖୋର୍ଦ୍ଧା । ଏହି ଜିଲ୍ଲାମାନଙ୍କରେ ୧୯ ଓ ୨୦ ତାରିଖରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ରାଜ୍ୟର ଅନ୍ୟାନ୍ୟ ଜିଲ୍ଲା ଗୁଡ଼ିକରେ ମଧ୍ୟ ବର୍ଷା ହେବାର ସମ୍ଭାବନା ରହିଛି ।

ବର୍ତ୍ତମାନ ସୁଦ୍ଧା ୪୪୮ ଟି ବାତ୍ୟା ଆଶ୍ରୟ ସ୍ଥଳୀ କାର୍ଯ୍ୟକ୍ଷମ କରାଯାଇଛି। ୩ ହଜାରରୁ ଅଧିକ ଆଶ୍ରୟସ୍ଥଳୀକୁ ପ୍ରସ୍ତୁତ କରାଯାଉଛି । ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରିବା କାର୍ଯ୍ୟ ଆରମ୍ଭ ହୋଇଗଲାଣି । ରେଡ ଓ୍ୱାର୍ଣ୍ଣିଙ୍ଗ୍ ଥିବା ଜିଲ୍ଲା ଗୁଡିକରୁ ୪୭ ହଜାରରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇସାରିଛି । ଗଞ୍ଜାମରେ ସର୍ବାଧିକ ୨୫ ହଜାର ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇଛି । ଜଗତସିଂହପୁରରେ ୧୧ ହଜାର ଲୋକଙ୍କୁ ସ୍ଥାନାନ୍ତରିତ କରିବା ପାଇଁ ଚିହ୍ନଟ କରାଯାଇଛି । ଆଜି ରାତି ସୁଦ୍ଧା ସେମାନଙ୍କୁ ସ୍ଥାନାନ୍ତରିତ କରାଯିବ । ୧୩୧୩ ଜଣ ଗର୍ଭବତୀ ମହିଳାମାନଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଛି । ଉଦ୍ଧାର କାର୍ଯ୍ୟ ପାଇଁ ୬୦ଟି ଓଡ୍ରାଫ୍ ଏବଂ ୧୪ଟି ଏନଡିଆରଏଫ ସମୁଦାୟ ୭୪ଟି ଟିମ୍ ନିୟୋଜିତ କରାଯାଇଛି । ଅଧିକ ୨୦ଟି ଟିମ୍ ?କୁ ମଧ୍ୟ ଆଲର୍ଟରେ ରଖାଯାଇଛି ବୋଲି ସେ କହିଥିଲେ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଉଦ୍ଧାର ଓ ରିଲିଫ୍‌କାର୍ଯ୍ୟ ପରିଚାଳନା ପାଇଁ ଆଗୁଆ ପାଣ୍ଠି ଯୋଗାଇ ଦିଆଯାଇଛି । ଗଞ୍ଜାମ ଜିଲ୍ଲାକୁ ୫ କୋଟି ଏବଂ ଅନ୍ୟ ୧୫ଟି ଜିଲ୍ଲାକୁ ୧ କୋଟି ଟଙ୍କା ଲେଖାଏଁ, ମାଲକାନଗିରି ଜିଲ୍ଲାକୁ ୫୦ ଲକ୍ଷ ଟଙ୍କା- ସମୁଦାୟ ୨୦.୫ କୋଟି ଟଙ୍କା ଆଗୁଆ ଦିଆଯାଇଛି । ସାତଜଣ ବରିଷ୍ଠ ଆଇଏଏସ ଅଧିକାରୀଙ୍କୁ ସାତଟି ଜିଲ୍ଲାରେ ପ୍ରସ୍ତୁତି ଏବଂ ରିଲିଫ୍ ଓ ରିଷ୍ଟୋରେସନ୍ କାର୍ଯ୍ୟ ତଦାରଖ କରିବା ପାଇଁ ଦାୟିତ୍ୱ ଦିଆଯାଇଛି । ଜିଲ୍ଲାଗୁଡ଼ିକରେ ସ୍କୁଲ, କଲେଜ ଏବଂ ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ କରିବା ନେଇ ଜିଲ୍ଲାପାଳମାନେ ପରିସ୍ଥିତି ଦେଖି ନିଷ୍ପତ୍ତି ନେବେ। ପ୍ରଭାବିତ ଅଞ୍ଚଳର ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ସାପ କାମୁଡ଼ା ଇଞ୍ଜେକ୍ସନ୍ ଔଷଧ ଏବଂ ଚିକିତ୍ସା କିଟ୍ ଉପଲବ୍ଧ କରାଯାଇଛି । ବାତ୍ୟା ପରିସ୍ଥିତିରେ ତତକ୍ଷଣାତ୍ ରିଷ୍ଟୋରେସନ୍ ପାଇଁ ସମସ୍ତ ଇଞ୍ଜିନିୟରିଂ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । ବୈଠକରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ. ସିଂହ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ରଙ୍କ ସହିତ ସ୍ୱତନ୍ତ୍ର ରିଲିଫ୍ କମିଶନର ଏବଂ ୧୦ଟି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ଏବଂ ସଚିବ ସ୍ତରୀୟ ଅଧିକାରୀମାନଙ୍କ ସହିତ ସମୀକ୍ଷା କରାଯାଇଥିବା ବେଳେ, ୨୦ଟି ଜିଲ୍ଲାର ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ ।

ଛୁଟିରେ ଥିବା ସମସ୍ତ ଅଫିସରଙ୍କୁ ତୁରନ୍ତ ନିଜ ନିଜ ମୁଖ୍ୟାଳୟ ଓ କାର୍ଯ୍ୟାଳୟରେ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ସହିତ ଭୁବନେଶ୍ୱରସ୍ଥିତ ରାଜୀବ ଭବନରେ ଥିବା ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟର ରାଜ୍ୟ ଜରୁରୀକାଳୀନ ପରିଚାଳନା କେନ୍ଦ୍ରରେ ୨୪ ଘଣ୍ଟିଆ ନିୟନ୍ତ୍ରଣ, ତଦାରଖ ଓ ସମନ୍ୱୟ ରକ୍ଷା ପାଇଁ ୧୦ଜଣ ବରିଷ୍ଠ ଆଇଏଏସ୍ ଅଫିସରଙ୍କୁ ସିପୁ ଅନୁଯାୟୀ ଦାୟିତ୍ୱ ତୁଲାଇବାକୁ ନିର୍ଦ୍ଦେଶ ଦିଆଯାଇଛି।

ଦୁର୍ବଳ ହେଉଛି ବାତ୍ୟା

ଭୁବନେଶ୍ୱର,୧୮।୧୧: ସମ୍ଭାବ୍ୟ ବାତ୍ୟା 'ଅକ୍ୱାନ୍ ?'କୁ ନେଇ ଆସିଛି ନୂଆ ସୂଚନା। ଦୁଇଟି ଗୁରୁଚାପ ବଳୟ ମଧ୍ୟରେ ବାତ୍ୟା କ୍ରମଶଃ ଦୁର୍ବଳ ହେଉଥିବା ନେଇ ଭାରତୀୟ ପାଣିପାଗ ବିଭାଗ ସୂଚନା ଦେଇଛି । ଫଳରେ ଭୀଷଣ ବାତ୍ୟା ପରିବର୍ତ୍ତ ? ଏହା କେବଳ ବାତ୍ୟା ଭାବେ ଲ୍ୟାଣ୍ଡଫଲ୍ କରିବାର ସମ୍ଭାବନା ରହିଛି । ସୂଚନା ଅନୁସାରେ, ଆରବ ସାଗର ଓ ଆଣ୍ଡାମାନ ସାଗର ପଟରୁ ଦୁଇଟି ଗୁରୁଚାପ ବଳୟ ସୃଷ୍ଟି ହୋଇଛି । ଏହି ଗୁରୁଚାପ ବଳୟର ପ୍ରଭାବରେ ଶୁଷ୍ଳ ବାୟୁ ପ୍ରବାହିତ ହେଉଛି । ଶୁଷ୍ଳ ବାୟୁର ପ୍ରଭାବରେ ବାତ୍ୟା 'ଅକ୍ୱାନ୍'ର ଶକ୍ତି ହ୍ରାସ ପାଉଛି । ଓଗଉର ସୂଚନା ଅନୁଯାୟୀ, ବାତ୍ୟା କ୍ରମଶଃ ଦୁର୍ବଳ ହେଉଥିବାରୁ ଏହାର ତୀବ୍ରତା ହ୍ରାସ ପାଇବ। ତେବେ ଲ୍ୟାଣ୍ଡଫଲ୍ ସମୟରେ ଏହାର ପ୍ରକୃତ ସ୍ଥିତି ଓ ପ୍ରଭାବ ଉପରେ ନଜର ରଖାଯାଇଛି ।

୮ ଜିଲ୍ଲାରେ ସ୍କୁଲ ଛୁଟି

ଭୁବନେଶ୍ୱର,୧୮।୧୧(ମହାଭାରତ): ଓଡ଼ିଶା ମୁହାଁ ହେଉଛି ବାତ୍ୟା ଅକଓ୍ୱନ। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ଓ ସ୍ଥାନେ ସ୍ଥାନେ ଅତି ଭୀଷଣ ବର୍ଷା ହେବାର ସମ୍ଭାବନା ରହିଛି। ତା' ସହିତ ପବନ ହେବ। ଏହାକୁ ଦୃଷ୍ଟିରେ ରଖି ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ରାଜ୍ୟର ୮ଟି ଜିଲ୍ଲାରେ ଆସନ୍ତା ଦୁଇ/ତିନି ଦିନ ପାଇଁ ସ୍କୁଲଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି। ଗତକାଲି ମାଲକାନଗିରି ଜିଲ୍ଲାରେ ୧୯ ଓ ୨୦ ତାରିଖ ପାଇଁ ସମସ୍ତ ସ୍କୁଲକୁ ଛୁଟି ଘୋଷଣା କରାଯାଇଥିବା ବେଳେ ଆଜି ଆଉ ୭ ଜିଲ୍ଲାରେ ସ୍କୁଲଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି। ଗଞ୍ଜାମ, ଗଜପତି, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା, କନ୍ଧମାଳ ଓ ଖୋର୍ଦ୍ଧା ଜିଲ୍ଲାରେ ସ୍କୁଲଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି।

ତିନି ଦିନ ଯାଏ ଶ୍ରୀମନ୍ଦିରରେ ହବିଷ୍ୟାଳିଙ୍କ ଦର୍ଶନ ବନ୍ଦ

ପୁରୀ : ବାତ୍ୟା 'ଅକଓ୍ୱନ'କୁ ନେଇ ଏବେ ଚିନ୍ତା ବଢ଼ିଛି। ବାତ୍ୟା ଏବଂ ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ପୁରୀରେ ଶ୍ରଦ୍ଧାଳୁଙ୍କ ପାଇଁ କଟକଣା ଲାଗୁ କରାଯାଇଛି। ଆସନ୍ତା ୩ ଦିନ ଅର୍ଥାତ୍ ନଭେମ୍ବର ୧୯ରୁ ୨୧ ତାରିଖ ଯାଏଁ ଶ୍ରୀମନ୍ଦିରରେ ହବିଷ୍ୟାଳିଙ୍କ ଦର୍ଶନ ବନ୍ଦ ରହିବ। ବାତ୍ୟାର ପ୍ରଭାବ ଏବଂ ଅତି ପ୍ରବଳ ବର୍ଷା ଆଶଙ୍କାକୁ ଦେଖି ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ଏହି ନିଷ୍ପତ୍ତି ନିଆଯାଇଛି। ଏହି ସମୟରେ ଗୁଣ୍ଡିଚା ମନ୍ଦିର ସହ ନିକଟସ୍ଥ ଶରଧାବାଲି ଅଞ୍ଚଳକୁ ମଧ୍ୟ ଯିବା ଉପରେ କଟକଣା ରହିବ। ଏଥିସହ ଗୁଣ୍ଡିଚା ମନ୍ଦିର ମଧ୍ୟ ଏହି ତିନି ଦିନ ବନ୍ଦ ରହିବ। ଏଥିସହ ପୁରୀ ଅଷ୍ଟରଙ୍ଗ, ଚନ୍ଦ୍ରଭାଗା ସମୁଦ୍ର କୂଳକୁ ପର୍ଯ୍ୟଟକଙ୍କୁ ବାରଣ କରାଯାଇଛି।

ବନ୍ୟା ଓ କୋଟିଆ ତାତିରେ ବିଧାନସଭା ଅଚଳ

ଭୁବନେଶ୍ୱର,୧୮।୧୧(ମହାଭାରତ):ଆଜି ବିଧାନସଭାର ଶୀତକାଳୀନ ଅଧିବେଶନର ପ୍ରଥମ ଦିନରୁ ହଟ୍ଟଗୋଳ ଦେଖା ଦେଇଛି। ବିରୋଧୀ ଦଳ ବିଧାୟକ ମାନଙ୍କର ହଟ୍ଟଗୋଳ କାରଣରୁ ଆଜି ଗୃହରେ ନିର୍ଦ୍ଧାରିତ ପ୍ରଶ୍ନକାଳ ଓ ଶୂନ୍ୟକାଳ କାର୍ଯ୍ୟକ୍ରମ ହୋଇ ପାରି ନାହିଁ। ହଟ୍ଟଗୋଳ କାରଣରୁ ବାଚସ୍ପତି ସୁରମା ପାଢୀ ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଛନ୍ତି । ଦ୍ୱିତୀୟାର୍ଦ୍ଧରେ ଅପରାହ୍ନ ୪ଟାରେ ଗୃହ କାର୍ଯ୍ୟ ଆରମ୍ଭ ହେବାମାତ୍ରେ ବିରୋଧୀ କଂଗ୍ରେସ ସଦସ୍ୟଙ୍କ ହଟ୍ଟଗୋଳ ଓ ବିଜେଡି ସଦସ୍ୟମାନଙ୍କ ପ୍ଲାକାର୍ଡ ପ୍ରଦର୍ଶନମଧ୍ୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଅତିରିକ୍ତ ବଜେଟ୍ ଉପସ୍ଥାପନ କରିଥିଲେ ଓ ଅପରାହ୍ନ ୪ଟା ୭ ମିନିଟରେ ବାଚସ୍ପତି ସୁରମା ପାଢ଼ୀ ଗୃହ କାର୍ଯ୍ୟକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଛନ୍ତି ।

ଆଜି ଅଧିବେଶନ ଆରମ୍ଭ ହେବା ପରେ ପ୍ରଥମେ ଶୋକ ପ୍ରସ୍ତାବ ପାରିତ ହୋଇଥିଲା । ଶୋକ ପ୍ରସ୍ତାବ ସୁରୁଖୁରୁରେ ପାରିତ ହେବା ପରେ ବାଚସ୍ପତି ପ୍ରଶ୍ନକାଳ ଆରମ୍ଭ କରିବାକୁ ଚାହିଁଥିଲେ । ପ୍ରଥମେ ସେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଉତ୍ତର ଦେବାକୁ ଡାକିଥିଲେ । ତେବେ ବିରୋଧୀ ବିଜେଡି ଓ କଂଗ୍ରେସର ବିଧାୟକ ମାନେ ଗୃହର ମଧ୍ୟ ଭାଗକୁ ଆସି ନାବାବାଜୀ କରିବା ଆରମ୍ଭ କରି ଦେଇଥିଲେ। କଂଗ୍ରେସ ବିଧାୟକ ମାନେ କୋଟିଆ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଘେରିବାକୁ ଉଦ୍ୟମ କରିଥିବା ବେଳେ ବିଜେଡି ବିଧାୟକ ମାନେ ବନ୍ୟା ମୁକାବିଲାରେ ରାଜ୍ୟ ସରକାର ବିଫଳ ହୋଇଥିବା ଅଭିଯୋଗ କରି ନାରାବାଜୀ କରିଥିଲେ । କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ସଚିବଙ୍କ ଟେବୁଲ ଉପରେ ଚଢି ଯାଇ ନାରାବାଜୀ କରୁଥିବା ଦେଖିବାକୁ ମିଳିଥିଲା । ଉଭୟ ବିରୋଧୀ ଦଳର ବିଧାୟକ ମାନଙ୍କ ହାତରେ ପ୍ଲାକାର୍ଡ ଥିଲା । ବାଚସ୍ପତି ହଟ୍ଟଗୋଳ କରୁଥିବା ବିଧାୟକ ମାନଙ୍କୁ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ବାରମ୍ବାର ନିବେଦନ କରିଥିଲେ । ହେଲେ ଏହାର କୌଣସି ପ୍ରକାର ପ୍ରଭାବ ବିରୋଧୀ ବିଧାୟକ ମାନଙ୍କ ଉପରେ ପଡି ନ ଥିଲା । ତେଣୁ ଶେଷରେ ବାଚସ୍ପତି ଶ୍ରୀମତୀ ସୁରମା ପାଢୀ ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ । ପରେ ଏଭଳି ସ୍ଥ ?ତି ଲାଗି ରହିବାରୁ ଆସନ୍ତାକାଲି



୧୦ ଟା ୩୦ ଯାଏଁ ଗୃହ ମୁଲତବୀ ଘୋଷଣା କରାଯାଇଛି ।

ଗୃହ ମୁଲତବୀ ହେବା ପରେ ମଣିଷକୃତ ବନ୍ୟାରେ ଲୋକ ମରିଛନ୍ତି ବୋଲି କହିଛନ୍ତି ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି। ବାଚସ୍ପତିଙ୍କୁ ଆମେ ମୋସନ ଦେଇଛୁ। ଅନୁରୋଧ କରିଛୁ ଯେ ବିଧାନସଭାରେ କେବଳ ବନ୍ୟା ଉପରେ ଆଲୋଚନା ହେଉ। କାହିଁକି ଗଞ୍ଜାମରେ ଏତେ ସଂଖ୍ୟକ ଲୋକ ମରିଲେ। ଗୋଟିଏ ଦିନ ସମସ୍ତ କାର୍ଯ୍ୟକ୍ରମକୁ ସସପେଣ୍ଡ କରି କେବଳ ବନ୍ୟା ଉପରେ ଆଲୋଚନା ହେଉ ବୋଲି ସେ ଦାବି କରିଛନ୍ତି।

ବିଜେଡ଼ି ଓ କଂଗ୍ରେସ ହଟ୍ଟଗୋଳ ପ୍ରସଙ୍ଗରେ କଡ଼ା ଜବାବ୍ ରଖିଛନ୍ତି ବିଜେପି ବିଧାୟକ ସନ୍ତୋଷ ଖଟୁଆ । ସେ କହିଛନ୍ତି ଯେ, ଆକାଙ୍କ ନିର୍ଦ୍ଦେଶରେ ବିଧାନସଭାକୁ ବନ୍ଦ କରୁଛି ବିଜେଡ଼ି । ବିଧାନସଭା ଚଳାଇ ନଦେବା ଉଦ୍ଦେଶ୍ୟ । ପ୍ରଶ୍ନ ଆଲୋଚନା ଚାଲିଥିବା ବେଳେ ହଟ୍ଟଗୋଳ ର ଅର୍ଥ ଶୁଣିବା ପାଇଁ ବିରୋଧୀ ମାନଙ୍କର ଧର୍ଯ୍ୟ ନାହିଁ । ପୂର୍ବତନ ମୁଖ୍ୟମନ୍ତ୍ରୀ ଗଞ୍ଜାମ ଜିଲ୍ଲା ୫ ଥର ସୁଯୋଗ ଦେଉଛନ୍ତି। ଗଞ୍ଜାମ ଜିଲ୍ଲାର କଣ ଉନ୍ନତି କରୁଛନ୍ତି। ତେବେ ଡ୍ୟାମ ତିଆରି କରିଛନ୍ତି । ୨୪ ବର୍ଷ ଧରି ମୁଖ୍ୟମନ୍ତ୍ରୀ ରହିଲେ ଋଷିକୂଲ୍ୟା ନଦୀ ଉପରେ କେତେ ଡ୍ୟାମ ତିଆରି କରିଛନ୍ତି । ବନ୍ୟା ଓ ଭୂସ୍ଖଳନ କେତେ ହେବ ଆକଳନ କରିବା କଷ୍ଟ। ବାତ୍ୟା ଆଇଏମଡି ଆକଳନ କରେ । ପ୍ରକୃତ ପ୍ରସଙ୍ଗ ଉପରୁ ନଜର ହଟାଇବା ପାଇଁ ଏ ହଟ୍ଟଗୋଳ । ବିଧାନସଭା ଚଳାଇ ନଦେବା ପାଇଁ ଆକା ନିର୍ଦ୍ଦେଶ ଦେଇଛନ୍ତି । ଗଞ୍ଜାମ ବାସୀଙ୍କୁ ଠକିଛନ୍ତି ।

କୋଟିଆ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ ବୋଲି କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି। ଆନ୍ଧ୍ରର କୋଟିଆ ଖଣି ଉପରେ ଲୋଲୁପ ଦୃଷ୍ଟି ପକେଇଛି । ତାକୁ ଆମେ ବିରୋଧ କରୁଛୁ । ବିଜେପିର ଟ୍ରିପଲ୍ ଇଞ୍ଜିନ ସରକାର ଅଛି । ବିଧାନସଭାରେ ସଂକଳ୍ପ ଆସୁ। ସର୍ବଦଳୀୟ କମିଟି ଗଠନ କରି ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ଦରକାର । ବିଧାନସଭାରେ କୋଟିଆ ଉପରେ ଆଲୋଚନା ହେଉ । ଗୃହ କମିଟି ଗଠନ ହେଉ । ସର୍ବଦଳୀୟ କମିଟି କୋଟିଆ ପ୍ରସଙ୍ଗରେ ଆଲୋଚନା କରନ୍ତୁ । ୨୦ ଜଣ ସାଂସଦ ଯାଇଛନ୍ତି । ପ୍ରଧାନମନ୍ତ୍ରୀ ଓ ଅମିତ ଶାହଙ୍କ ସହ ଆଲୋଚନା କରନ୍ତୁ । ଯେହେତୁ ସେଠାରେ ମୂଲ୍ୟବାନ ଖଣି ଅଛି । ସେଥିପାଇଁ ଆନ୍ଧ୍ର ଲୋଲୁପ ଦୃଷ୍ଟି ପକାଇଛି ବୋଲି ସେ କହିଛନ୍ତି।

ଟ୍ରମ୍ପ ଓ ଜିନପିଙ୍ଗଙ୍କ ପାଖକୁ ଆସି ହାତ ମିଳାଇଲେ ପୁଟିନ

ନୂଆଦିଲ୍ଲୀ,୧୮।୧୧:ବିଧିବଦ୍ଧ ଆଲୋଚନା ପୂର୍ବରୁ ଗୋଟିଏ ବଡ଼ କୂଟନୀତିକ ସମ୍ପର୍କ ଦେଖିବାକୁ ମିଳିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଓ ଚାଇନା ରାଷ୍ଟ୍ରପତି ସି ଜିନପିଙ୍ଗ ପ୍ରଥମଥର ଏକାଠି ନଜର ଆସିଛନ୍ତି।ଚାଇନାରେ ଏହି ୩ ନେତାଙ୍କ ଭେଟଘାଟ ହୋଇଛି। ଚାଇନାର ଶେନଝେନରେ ଆୟୋଜିତ ଏସିଆ-ପ୍ୟାସିଫିକ ଇକୋନୋମିକ କର୍ପୋରେସନ(ଏପିଇସି) ପୂର୍ବରୁ ଜିନପିଙ୍ଗ ଓ ତାଙ୍କ ପତ୍ନୀ ପେଙ୍ଗ ଲିୟୁଆନ ଆୟୋଜନ



କରିଥିବା କାର୍ଯ୍ୟକ୍ରମରେ ଏଭଳି ଦୃଶ୍ୟ ଦେଖାଯାଇଛି। ଏହି କାର୍ଯ୍ୟକ୍ରମରେ ପୁଟିନ ନିଜ ଆଡୁ ଟ୍ରମ୍ପ ଓ ଜିନପିଙ୍ଗଙ୍କ ପାଖକୁ ରେଡ କାର୍ପେଟରେ ଚାଲି ଚାଲି ଆସିଥିଲେ। ଏହାପରେ ୩ ଜଣଙ୍କ ଯାକ ଏକାଠି ଫଟୋ ଉଠାଇଥିଲେ। ଟ୍ରମ୍ପ ଓ ପୁଟିନ ହାତ ମିଳାଇବା ସହ ଭଲମନ୍ଦ ପଚାରି ବୁଝିଥିଲେ। ଜିନପିଙ୍ଗ ସେଠାରେ ଏହାକୁ ଚାହିଁ ରହିଥିବାର ଭିଡିଓ ସାମ୍ନାକୁ ଆସିଛି। କ୍ରେମଲିନ ପୁଲ ଟିମ ଟେଲିଗ୍ରାମରେ ପୋଷ୍ଟ କରିଥିବା ଭିଡିଓରେ ଦେଖିବାକ



ଜୀବନଚର୍ଯ୍ୟା



ଲାଉ ପଲାଉ

ଲାଉ , ବାସୁମତୀ ଚାଉଳ, ତେଲ , ଲୁଣ , ଜିରା ତେଜପତ୍ର, ଡ଼ାଲଚିନି, ଜାଇଫଳ, ଗୋଲମରିଚ , ଗୁଜୁରାତି, ଗାଜର , ଗ୍ରୀନ ମଟର , କାଜୁବାଦାମ, କିସମିସ ଚିନି, ପୋଦିନା ପତ୍ର, ଧନିଆ ପତ୍ର, ଗରମ ମସଲା , କସ୍ତୁରୀ ମେଥି ଘିଅ ଓ ଲେମ୍ବୁରସ ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଲାଉକୁ କୋରି ତାକୁ ଭଲ ଭାବେ ଚିପୁଡ଼ି ତା'ର ପାଣି ବାହାର କରି ଦିଅନ୍ତୁ । ଏହାପରେ ବାସୁମତୀ ଚାଉଳକୁ ଧୋଇ ରଖନ୍ତୁ । ଏବେ କଡ଼େଇରେ ତେଲ ଗରମ କରି କୋରା ଲାଉକୁ ଭଲ ଭାବେ ଭାଜି ଦିଅନ୍ତୁ । ଏହା ପରେ ଆଉ ଥରେ କେଡ଼ଇରେ ତେଲ ଗରମ ଜିରା , ତେଜପତ୍ର, ଡ଼ାଲଚିନି , ଜାଇଫଳ, ଗୋଲମରିଚ , କଟା ଗାଜର , ଗ୍ରୀନ ମଟର , କାଜୁବାଦାମ ଓ କିସମିସ ପକାଇ ଭାଜନ୍ତୁ । ଏସବୁ ଭାଜି ହୋଇଯିବା ପରେ ବାସୁମତୀ ଚାଉଳ ପକାଇ ଭଲ ଭାବେ ଭାଜନ୍ତୁ । ଚାଉଳ ଅଳ୍ପ ଭାଜି ହୋଇଯିବା ପରେ ସେଥିରେ ଲାଉରସ ଓ ଆବଶ୍ୟକ ଅନୁଯାୟୀ ପାଣି ଦିଅନ୍ତୁ । ପାଣି ଫୁଟିବା ପରେ ଏଥିରେ ଭଜା ଲାଉ, ଅଳ୍ପ ଚିନି , ଲୁଣ , ପୋଦିନାପତ୍ର , କସ୍ତୁରୀ ମେଥି , ଘିଅ ଓ ଲେମ୍ବୁରସ ପକାଇ ଘୋଡ଼ାଇ ଦିଅନ୍ତୁ । ୧୦ ମିନିଟ ପରେ ଘୋଡ଼ଣୀ ବାହାର କରି ଧନିଆ ପତ୍ର ଓ ଗରମ ମସଲା ପକାଇ କଡ଼େଇକୁ ଚୁଲିରୁ ଓହ୍ଲାନ୍ତୁ । ବର୍ତମାନ ପ୍ରସ୍ତୁତ ହୋଇଗଲା 'ଲାଉ ପଲାଉ' ।



ଖବର

ଶ୍ରୀଗଣେଶ ଓ ବ୍ୟାସଦେବ



ବ୍ୟାସଦେବ ଗଣେଶଙ୍କୁ କହିଲେ,'ହେ ବିନାୟକ ! ସମସ୍ତ ସଂସାରର କଲ୍ୟାଣ ପାଇଁ ମୁଁ ଏକ ଗ୍ରନ୍ଥର ପରିକଳ୍ପନା କରିଛି । ଏ ଗ୍ରନ୍ଥ ମୋ ଚିନ୍ତା ପ୍ରସୂତ ହୋଇଥିଲେ ସୁଦ୍ଧା ଏହାର ବିଶାଳତା ଦୃଷ୍ଟିରୁ ମୁଁ ଏହାକୁ ଲେଖିବାକୁ ସମର୍ଥ ହୋଇ ପାରୁ ନାହିଁ । ସେଥିପାଇଁ ମୁଁ ବଡ଼ ଚିନ୍ତିତ । ଆପଣଙ୍କୁ ଏଥିପାଇଁ ପ୍ରାର୍ଥନା କଲି ଯେହେତୁ ଆପଣ ଏ କାର୍ଯ୍ୟ ପାଇଁ ସମର୍ଥ । ମୋତେ ଏ ଘୋର ସଙ୍କଟରୁ ଆପଣ ହିଁ ଉଦ୍ଧାର କରି ପାରିବେ । ମୁଁ ଶ୍ଲୋକ ମାନ ରଚନା କରି ବୋଲିଯିବି ଆପଣ ଏହାକୁ ଲେଖିଚାଲିବେ । ଆପଣ ତ ବିଦ୍ୟାର ବାରିଧି ଆପଣଙ୍କୁ ମୁଁ ଆଉ ଅଧିକା କ'ଣ କହିବି । ଶ୍ରୀଗଣେଶଙ୍କର ମହର୍ଷି ବ୍ୟାସଦେବଙ୍କ ପ୍ରତି ବହୁ ସମ୍ମାନ ଥିଲା । ତାଙ୍କୁ ମଧ୍ୟ ସାହାଯ୍ୟ କରିବାକୁ ସେ ଚାହୁଁଥିଲେ । କିନ୍ତୁ ମହାଭାରତ ଲେଖିବାପାଇଁ ସେ କାହିଁକି ଟିକିଏ ଅଡୁଆ ବୋଧ କରୁ ଥିଲେ । ତେଣୁ ସେ ଚିନ୍ତାକଲେ ମୁଁ ଯାଉଛି ଏପରି ଗୋଟିଏ ସର୍ତ୍ତ ରଖି ଦେବି ଯେମିତି କି ବେଦବ୍ୟାସ ଅଡୁଆରେ ପଡ଼ିଯିବେ । ଶ୍ରୀ ଗଣେଶ ବ୍ୟାସଦେବଙ୍କୁ କହିଲେ,'ଠିକଅଛି ମହର୍ଷି,ମୋର ତୁମର ମହାଭାରତ ଲେଖିବାରେ କୌଣସି ଆପତ୍ତି ନାହିଁ । କିନ୍ତୁ ଗୋଟିଏ ସର୍ତ୍ତରେ ଏହାକୁ ମୁଁ ଲେଖିବି ଆପଣ ଅନର୍ଗଳ ଡାକିବେ ଯେମିତି ମୋର ଲେଖନୀ ମୁହୂର୍ତ୍ତ ମାତ୍ରେ ବନ୍ଦ ହେବ ନାହିଁ । ଲେଖିଲା ବେଳେ ଯଦି ଲେଖନୀ ମୋର ବନ୍ଦହୋଇଯାଏ ତେବେ ମୁଁ ଆଉ ଆଗକୁ ଯାଇ ପାରିବି ନାହିଁ '। ପରମ ଜ୍ଞାନୀ ବ୍ୟାସଦେବ ଗଣେଶଙ୍କ କଥା ଶୁଣି ହସି ହସି କହିଲେ,'ଠିକ ଅଛି ମୁଁ ଆପଣଙ୍କ ସର୍ତ୍ତରେ ରାଜି । କିନ୍ତୁ ମୋର ଗୋଟିଏ ସର୍ତ୍ତ ଅଛି । ଆପଣ ଲେଖିବା ବେଳେ ନବୁଝି କିଛି ଲେଖିବେ ନାହିଁ '। ଗଣେଶ ବ୍ୟାସ ଦେବଙ୍କ ସର୍ତ୍ତକୁ ମାନି ନେଲେ । ଏହାପରେ ମହାଭାରତ ଲେଖା ଚାଲିଲା । ବ୍ୟାସ ଡାକିଚାଲିଲେ ଓ ଗଣେଶ ଲେଖିଚାଲିଲେ । କିନ୍ତୁ ବ୍ୟାସ ମଝିରେ ମଝିରେ ଏପରି କଷ୍ଟ ଶ୍ଲୋକଟିଏ ଡାକିଦିଅନ୍ତି ଯେ ଗଣେଶଙ୍କୁ ତାହାର ଅର୍ଥ ବୁଝିବା ପାଇଁ କିଛି ସମୟ ଲାଗି ଯାଏ । ଏହି ସମୟରେ ବ୍ୟାସ ପର ଶ୍ଲୋକଗୁଡ଼ିକୁ ଚିନ୍ତା କରିନିଅନ୍ତି । ଏଣୁ ମହାଭାରତରେ ଏଭଳି କେତେକ ଶ୍ଲୋକ ରହିଛି ଯାହାର ଅର୍ଥ ବାହାର କରିବା ଖୁବ କଠିନ । ଏହି ଶ୍ଲୋକ ଗୁଡ଼ିକୁ ଗ୍ରନ୍ଥଗ୍ରନ୍ଥି କୁହାଯାଇ ଥାଏ । ଅର୍ଥାତ୍ ଏସବୁ ଗ୍ରନ୍ଥର ଗଣ୍ଠି । ମହାଭାରତ ଲେଖା ସରିବା ପରେ ବ୍ୟାସଦେବ ପୁତ୍ର ମହାମୁନୀ ଶୂକଙ୍କୁ ଏହା ଜଣାଇଲେ । ଶୁକଦେବ ଏ ଶାସ୍ତ୍ରକୁ ଗନ୍ଧର୍ବମାନଙ୍କୁ ଶୁଣାଇଲେ ।

ମନୁଷ୍ୟମାନଙ୍କ ମଧ୍ୟରେ ଏ ଗ୍ରନ୍ଥର ପ୍ରଚାର ପାଇଁ ମହର୍ଷି ବ୍ୟାସ ତାଙ୍କର ପ୍ରଧାନ ଶିଷ୍ୟ ବୈଶମ୍ପାୟନଙ୍କୁ ଏହା ଶୁଣାଇ କହିଲେ,' ତୁମେ ଯାଇ ମହାରାଜ ଜନ୍ମେଜୟଙ୍କ ସର୍ପଯଜ୍ଞ ସ୍ଥଳୀରେ ଏହାର ପ୍ରଚାର କର '। ମୁନି ବୈଶମ୍ପାୟନ ପରିକ୍ଷୀତଙ୍କ ପୁତ୍ର ମହାରାଜ ଜନ୍ମେଜୟଙ୍କ ସର୍ପଯଜ୍ଞ ସ୍ଥଳୀରେ ପହଞ୍ଚି ତାଙ୍କୁ ଏ ପବିତ୍ର କଥା ଶୁଣାଇଲେ । ସେତେବେଳେ ସେଠି ଉପସ୍ଥିତ ଥାନ୍ତି ଉପଶ୍ରବା ନାମରେ ଜଣେ ବିଦ୍ୱାନ ଋଷି । ସେ ମହାଭାରତ ଶୁଣି ତାଙ୍କର ଅସାଧାରଣ ସ୍ମୃତିଶକ୍ତି ବଳରେ ଏହାକୁ ମନେ ରଖିପାରି ଥିଲେ । ଋଷି ଉପଶ୍ରବା ସାରଥୀକୂଳର ଥିବାରୁ ତାଙ୍କୁ ସୁତ ବା ସୌତି ବୋଲି କୁହାଯାଉ ଥିଲା । ମହାଭାରତ ମୁଖ୍ୟ ଭାବେ କୌରବ ପାଣ୍ଡବଙ୍କ ବିଷୟରେ ଲେଖା ଯାଇଛି । କିନ୍ତୁ ଏହା ବହୁ ଆଖ୍ୟାୟିକାର ପରିପୂର୍ଣ୍ଣ । ଏଣୁ ଗ୍ରନ୍ଥମାନଙ୍କ ମଧ୍ୟରେ ମହାଭାରତର କୌଣସି ତୁଳନା ନାହିଁ ।

ମନୁଷ୍ୟ ଦୁଃଖର ସବୁଠୁ ବଡ଼ କାରଣ



ଆଚାର୍ଯ୍ୟ ଚାଣକ୍ୟ ତାଙ୍କ ନୀତିରେ ସଫଳ ଜୀବନ ପାଇଁ କେତେକ ନୀତି କହିଛନ୍ତି । ଏହି ନୀତି ଗୁଡିକ ଭିତରୁ କେତେ ନୀତି ବା ବିଚାର ଆପଣଙ୍କୁ କଠୋର ଲାଗିପାରେ କିନ୍ତୁ ଏହି କଠୋରତା ହିଁ ଜୀବନର ସତ୍ୟ ଅଟେ । ବ୍ୟସ୍ତ ବହୁଳ ଜୀବନରେ ଆପଣ ଏହି ବିଚାରଗୁଡିକୁ ଅଣଦେଖା କରିଦେଇ ପାରନ୍ତି କିନ୍ତୁ ଏହା ଜୀବନର ପ୍ରତିଟି ଘଡ଼ିସନ୍ଧି ମୁହୂର୍ତ୍ତରେ ଆପଣଙ୍କୁ ସାହାଯ୍ୟ କରିଥାଏ ।

କୁହାଯାଏ ଯଦି କେହି ଚାଣକ୍ୟଙ୍କ ନୀତି ମାନିଥାନ୍ତି, ତାଙ୍କୁ ନିଶ୍ଚିତ ଭାବେ ସଫଳତା ମିଳିଥାଏ ।


□ ଚାଣକ୍ୟ କହିଛନ୍ତି, ଦୁଃଖ ଓ ସୁଖ ମନୁଷ୍ୟ ଜୀବନର ଜଣେ ସାଥୀ । ଯାହା ସମୟ ସମୟରେ ମନୁଷ୍ୟ ପାଖକୁ ଆସିଥାଏ । ହେଲେ ଏପରି ଏକ ଜିନିଷ ଯାହା ମନୁଷ୍ୟ ପାଇଁ ଦୁଃଖର କାରଣ ହୋଇଯାଏ । ଯଦି ଏହାକୁ ବ୍ୟକ୍ତି କାବୁ କରିଦିଏ, ଦେବେ ଖୁସିରେ ଆପଣଙ୍କ ଜୀବନ ଭରିଯିବ । ମନୁଷ୍ୟ ନିଜେ ହିଁ ନିଜ କର୍ମ ଦ୍ୱାରା ଜୀବନରେ ଦୁଃଖକୁ ଆମନ୍ତ୍ରଣ କରିଥାଏ:

□ କର୍ମ ହେଉଛି ପୂଜା, ଯେମିତି କର୍ମ କରିବ ସେମିତି ଫଳ ପାଇବ । ଭଲ କର୍ମ କରୁଥିବା ବ୍ୟକ୍ତି ସବୁ ସ୍ଥାନରେ ସମ୍ମାନ ପାଇଥାଏ । ଖରାପ କର୍ମ କରୁଥିବା ବ୍ୟକ୍ତି ସର୍ବଦା ଦୁଃଖକୁ ଆମନ୍ତ୍ରଣ କରିଥାଏ । ମନୁଷ୍ୟକୁ ବର୍ତ୍ତମାନ ସହ ତା'ର ପୂର୍ବ ଜନ୍ମର ଫଳ ମଧ୍ୟ ମିଳିଥାଏ । ଅନ୍ୟର ଯଦି ଭଲ ନ କରିପାରୁଛ, ତେବେ ଖରାପ କରନାହିଁ ।

□ ଦୁଃଖ ଓ ସୁଖ ସ୍ଥାୟୀ ନୁହେଁ, ହେଲେ ଯେଉଁ ବ୍ୟକ୍ତି ଅଧିକ ସମୟ ଦୁଃଖ ଓ କଷ୍ଟରେ ରହିଥାଏ ତାହା ତାର କର୍ମ ଫଳ ହୋଇଥାଏ । କେତେକ କର୍ମ ଫଳ ଏହି ଜନ୍ମରେ ମଧ୍ୟ ମିଳିଥାଏ । ଖୁସି ସମୟ ଆସିଲେ ମନୁଷ୍ୟ ନିଜର ଦୁଃଖ ସମୟ ଭୁଲିଯାଏ । ତାକୁ ସେତେବେଳେ ଭଲ, ମନ୍ଦ ଓ ଛୋଟ-ବଡ଼ କାମର ବୁଝିବା ଆସିନଥାଏ । ପାରିବାରିକ, ଆର୍ଥିକ, ସାମଜିକ ସ୍ତରରେ କିଛି ଭୁଲ କରି ବସନ୍ତି, ଯାହାକି ଦୁଃଖର କାରଣ ହୋଇଯାଏ । ଚାଣକ୍ୟ କୁହନ୍ତି ଯେ ବ୍ୟକ୍ତି ନିଜର କର୍ମଫଳ ଦ୍ୱାରା ଦୁଃଖକୁ ନିମନ୍ତ୍ରଣ କରିଥାଏ ।

ଦାନ କଲେ ବୃଦ୍ଧି ପାଏ ଧନସମ୍ପତ୍ତି

ଧନସମ୍ପତ୍ତିକୁ ଭଗବାନଙ୍କ କୃପା ବୋଲି ଭାବି ସହଜ ଭାବରେ ଗ୍ରହଣ କରିବା ଆବଶ୍ୟକ । ତାହା ଆପଣାର ନୁହେଁ, ପ୍ରାଣୀମାତ୍ରକେ ଏହା ଉପରେ ଅଧିକାର ରହିଛି । ଧର୍ମଶାସ୍ତ୍ରରେ କୁହାଯାଇଛି ଯେ ଉପାର୍ଜିତ ଧନକୁ ପ୍ରଥମେ ଯୋଗ୍ୟ ପାତ୍ରରେ ପ୍ରଦାନ କରିବା ପରେ ବଳକା ଅଂଶକୁ ନିଜ ସୁଖସୁବିଧା ଲାଗି ଉପଯୋଗ କରିବା ଆବଶ୍ୟକ। ଯିଏ କେବଳ ନିଜ ପାଇଁ ଧନ ଉପାର୍ଜନ କରିଥାଏ, ଖାଇଥାଏ ସେ ପାପ କରିଥାଏ। ଧନର ତିନି ଗତି ବିଷୟରେ ଶାସ୍ତ୍ରରେ କୁହାଯାଇଛି- ଦାନ, ଭୋଗ ଏବଂ ନାଶ । ଧନକୁ ଯିଏ ବିଳାସବ୍ୟସନର ସାଧନ ବୋଲି ଗ୍ରହଣ କରିଥାଏ, ତା'କୁ ବିପତ୍ତି ମାଡ଼ି ବସିଥାଏ। ଭୁଲ



ଢଙ୍ଗରେ ଉପାର୍ଜିତ ଅଧିକ ଧନ ବିପତ୍ତିର କାରଣ ହୋଇଥାଏ। ଧନିକ ବର୍ଗଙ୍କ ମଧ୍ୟରେ ଯେଉଁ ପାପାଚାର ଏବଂ ଭ୍ରଷ୍ଟାଚାର ବଢୁଛି, ତା'ର ଗୋଟିଏ କାରଣ ହେଉଛି ଅଧର୍ମ ଉପାୟରେ ଅର୍ଜିତ ଧନ। ସେଥିପାଇଁ ସାତ୍ତ୍ୱିକ ସାଧନରେ ଅର୍ଜିତ ଧନର କିଛି ଅଂଶ ଦାନ ସେବା ପରୋପକାରରେ ବିନିଯୋଗ କରିବା ଆବଶ୍ୟକ। ଦାନ, ସଦାଚାର ଏବଂ ତ୍ୟାଗବୃତ୍ତିର କାରଣରୁ ଧନର ପବିତ୍ରତା ବଜାୟ ରହିଥାଏ। ଆମ ପାଖରେ ଯେଉଁ ଧନ ରହିଛି ତାହା ଭଗବାନଙ୍କର । ଯେଉଁଠି ଦୁଃଖ, ଅଭାବ ଦେଖାଦେଉଛି, ସେଠାରେ ଆଗକୁ ଆସି ଧନ ଅର୍ପଣ କରାଯିବା ଆବଶ୍ୟକ। ଧନ ଭଗବାନଙ୍କର ହୋଇଥିବାରୁ, ଏହା ସେମାନଙ୍କର ପୁଣ୍ୟ ପ୍ରସାଦ ଅଟେ। ତାହାକୁ ପ୍ରସାଦ ଭଳି ଗ୍ରହଣ କରିବା ଏବଂ ବାଣ୍ଟିବା ଉଚିତ୍ ।



ଯୁଧିଷ୍ଠିର ଓ କୁକୁର ଉପାଖ୍ୟାନ: ଘରେ କୁକୁର ପାଳିବା କେତେଦୂର ଠିକ୍

କଥାରେ ଅଛି ଘରେ ଝରିଗୋଡ଼ିଆ ବାନ୍ଧିଲେ ଦୋଷ, ନ ବାନ୍ଧିଲେ ବି ଦୋଷ। ଏଠାରେ ଝରିଗୋଡ଼ିଆ କହିଲେ ଗାଈକୁ ବୁଝାଏ। କାରଣ ଗାଈର ଗୋମୟ, ମୂତ୍ର, କ୍ଷୀର, ଦହି, ଘିଅ ଆଦି ପୂଜାପର୍ବ ଓ ଦେନନ୍ଦିନ କାର୍ଯ୍ୟରେ ଆବଶ୍ୟକ ହୋଇଥାଏ। ଏଣୁ ଗାଈ ନ ରଖିଲେ ଦୋଷ। ପୁଣି ରଖିଲେ ଦୋଷ କାହିଁକି ? କାରଣ ଗାଈ ପାଳିଲେ ତା'ର ସେବାରେ ତ୍ରୁଟି କରିବା ଉଚିତ ନୁହେଁ ସେବାରେ ତ୍ରୁଟି ହେଲେ ଓ ଗାଈର କିଛି ହୋଇଗଲେ ପାପ ଲାଗେ ଯ କିନ୍ତୁ ଆଜିକାଲି ଲୋକେ ଘରେ ଗାଈ ରଖିବା ଅପେକ୍ଷା କୁକୁର ପାଳିବାକୁ ବେଶି ପସନ୍ଦ କରୁଛନ୍ତି। ତାକୁ ବାହାରେ ଖାଇବାକୁ ଦେବା ଓ ପାଣି ପିଇବାକୁ ଦେବା ଭଲ। ଏହା ଭୂତଯଜ୍ଞର ଅନ୍ତର୍ଗତ। ଜୀବେ ଦୟା ଭାବନାକୁ ମଧ୍ୟ ଏହା ପୁଷ୍ଟ କରେ। କିନ୍ତୁ ଘରେ କୁକୁର ପାଳିବାକୁ ଶାସ୍ତ୍ରରେ ବାରଣ କରାଯାଇଛ। ମହାଭାରତରେ ଅଛି, ଯିଏ ଘରେ କୁକୁର ପୋଷିବ ତା'ର ସ୍ୱର୍ଗକୁ ଯିବାର ଅଧିକାର ନାହିଁ। ଏପରି କି ବ୍ରାହ୍ମଣ, ଦେବତା ଓ ପିତୃପୁରୁଷମାନେ ତା' ଘରୁ ପାଣି ପାଆନ୍ତି ନାହିଁ।ମହାଭାରତ ସ୍ୱର୍ଗାରୋହଣ ପର୍ବରେ ଯୁଧିଷ୍ଠିର ଓ କୁକୁର ଉପାଖ୍ୟାନ ଅଛି। ଶ୍ରୀକୃଷ୍ଣଙ୍କ ଦେହତ୍ୟାଗ ପରେ ସମ୍ରାଟ୍ ଯୁଧିଷ୍ଠିର ରାଜ୍ୟଭାର ପରିକ୍ଷିତଙ୍କୁ ଦେଇ ସନ୍ନ୍ୟାସ ନେବାକୁ ଇଚ୍ଛା କଲେ। ଏହି ସମୟରେ ଦେବତା ଓ ଋଷିଗଣ ଆସି ତାଙ୍କୁ ସଶରୀରେ ସ୍ୱର୍ଗ ଯିବା ପାଇଁ ପରାମର୍ଶ ଦେଲେ। ଏଣୁ ପାଞ୍ଚଭାଇ ଓ ପତ୍ନୀ ଦ୍ରୌପଦୀ ବଲ୍କଳ ପରିଧାନ କରି ଯାତ୍ରା ଆରମ୍ଭ କଲେ। ବାଟରେ ଗୋଟିଏ କୁକୁର ତାଙ୍କ ସହ ଚଲୁଥିଲା। ଗିରିରାଜ ହିମାଳୟ ଉପରେ ଚିତ୍ତାଙ୍କୁ ସୁମେରୁ ଶିଖରକୁ ଯିବାକୁ ପଡ଼ିବୟ ବାଟରେ ଦ୍ରୌପଦୀଙ୍କଠାରୁ ଆରମ୍ଭ କରି ଶେଷରେ ଭୀମଙ୍କ ପର୍ଯ୍ୟନ୍ତ ଜଣକ ପରେ ଜଣେ ଖସିପଡ଼ି ପ୍ରାଣ ହରାଇଲେ। କିନ୍ତୁ କୁକୁରଟି ଶେଷ ପର୍ଯ୍ୟନ୍ତ ଯୁଧିଷ୍ଠିରଙ୍କ ପଛେ ପଛେ ଚଲୁଥିଲାଯ ସ୍ୱର୍ଗଦ୍ୱାରରେ ପହଞ୍ଚିବା ପରେ ଇନ୍ଦ୍ରଙ୍କ ରଥ ଆସି ପହଞ୍ଚିଲା ଯୁଧିଷ୍ଠିରଙ୍କୁ ସଶରୀରେ ସ୍ୱର୍ଗକୁ ନେବା ପାଇଁ। ଇନ୍ଦ୍ରଙ୍କ ସାରଥି ମାତଳି ରଥ ଚଳାଉଥିଲେ।ମାତଳି ଯୁଧିଷ୍ଠିରଙ୍କୁ



ଅଭିବାଦନ କରି କହିଲେ, ମହାରାଜ ! ଆପଣଙ୍କୁ ନେବାକୁ ମୋତେ ଇନ୍ଦ୍ର ପଠାଇଛନ୍ତି, ଆପଣ ରଥରେ ବସନ୍ତୁ। ଯୁଧିଷ୍ଠିର କିନ୍ତୁ ନିଜେ ରଥରେ ବସିବା ପୂର୍ବରୁ ପ୍ରଥମେ କୁକୁରକୁ ବସାଇବାକୁ ଚାହିଁଲେ।ମାତଳି କହିଲେ, ଏ କି କଥା ? ଆପଣ ଧର୍ମାତ୍ମା, ତେଣୁ ଏକମାତ୍ର ଆପଣଙ୍କୁ ସଶରୀରେ ସ୍ୱର୍ଗକୁ ଯିବାର ଅଧିକାର ଅଛି। କୁକୁର ଏକ ଅପବିତ୍ର ମାଂସାଶୀ ପ୍ରାଣୀ। ସେ କେମିତି ଯାଇପାରିବ ? ତା'ଛଡ଼ା ଶାସ୍ତ୍ରରେ ଅଛି, କୁକୁର ପାଳିବା ଲୋକ ସ୍ୱର୍ଗକୁ ଯାଇପାରନ୍ତି ନାହିଁ। ଯୁଧିଷ୍ଠିର କହିଲେ, ମୁଁ ଏ କୁକୁରକୁ ପାଳିନାହିଁ। କିନ୍ତୁ ସେ ଏତେବାଟ ମୋ ପଛେ ପଛେ ଆସିଛି। ସେ ମୋର ଶରଣାଗତ। ମୁଁ ରାଜା, କ୍ଷତ୍ରିୟ। ଶରଣାଗତକୁ ରକ୍ଷା କରିବା କ୍ଷତ୍ରିୟର ଧର୍ମୟ ମୁଁ ମୋ ଧର୍ମ ତ୍ୟାଗ କରିପାରିବି ନାହିଁ। ମାତଳି କହିଲେ, ଆପଣ ସିନା ପୁଣ୍ୟବଳରେ ସିଧା ସ୍ୱର୍ଗକୁ ଯିବାର ଅଧିକାର ପାଇଛନ୍ତି, କୁକୁର କେମିତି ଯାଇପାରିବ ? ଯୁଧିଷ୍ଠିର କହିଲେ, ତା'ହେଲେ ମୁଁ ମୋର ସବୁ ପୁଣ୍ୟ ଏ କୁକୁରକୁ ଦାନ କରିବାକୁ ପ୍ରସ୍ତୁତ ଅଛି। ଆପଣ ତାକୁ ସ୍ୱର୍ଗକୁ ନେଇଯାନ୍ତୁ। ପ୍ରାଣୀ ମାତ୍ରକେ ଦୟା କରିବା ମଣିଷର ଧର୍ମ। କିନ୍ତୁ ଘରେ କୁକୁର ପାଳିବା ଅନୁଚିତ। କେବଳ ଶବର ଶ୍ରେଣୀର ଲୋକେ କୁକୁର ପାଳନ୍ତି ଶିକାରରେ ସାହାଯ୍ୟ କରିବା ପାଇଁ। ପୁଲିସ ବିଭାଗ ଓ ସେନ୍ୟ ବିଭାଗରେ ବିଶେଷ ଜାତିଆ କୁକୁରକୁ ତାଲିମ ଦେଇ ତା'ର ଅସମ୍ଭବ ଘ୍ରାଣଶକ୍ତିର ଉପଯୋଗ କରାଯାଏ ବୋମା ଆଦି ଠାବ କରିବା ପାଇଁ। ଯଦି କେଣସି ଧନିକ ଶ୍ରେଣୀର ବ୍ୟକ୍ତି ନିଜର ଧନସମ୍ପତ୍ତି ଜଗିବା ପାଇଁ କୁକୁର ପାଳିବା ନିହାତି ଆବଶ୍ୟକ କରନ୍ତି, ତେବେ କୁକୁର ପାଇଁ ଘର ବାହାରେ ଏକ ସ୍ୱତନ୍ତ୍ର କୁକୁରଶାଳା ତିଆରି କରିବା ଆବଶ୍ୟକ। କୁକୁରକୁ ନିଜ ଘର ଭିତରେ ରଖି ନିଜ ଖଟ ଉପରେ ଚିବା, ପାଖରେ ଶୋଇବା ଓ ଚେୟାର ବା ସୋଫାରେ ବସିବାକୁ ସୁଯୋଗ ଦେବା ଉଚିତ ନୁହେଁ। ଏହା ଶୁଣିବା ପରେ କୁକୁର ନିଜର ସ୍ୱରୂପ ପ୍ରକାଶ କଲା। ଯୁଧିଷ୍ଠିର ଦେଖିଲେ, ତାଙ୍କ ସମ୍ମୁଖରେ ସାକ୍ଷା ଧର୍ମରାଜ, ନ୍ୟାୟ ଓ ମୃତ୍ୟୁର ଦେବତା - ଯମ ଛିଡ଼ା ହୋଇଛନ୍ତି। ସ୍ୱୟଂ ଧର୍ମ କୁକୁର ରୂପରେ ଯୁଧିଷ୍ଠିରଙ୍କ ପରୀକ୍ଷା ନେଉଥିଲେ। ଏହି ସମୟରେ ଇନ୍ଦ୍ର ଓ ଅନ୍ୟ ଦେବତାମାନେ ବି ପହଞ୍ଚିଯାଇଥିଲେ। ଯୁଧିଷ୍ଠିରଙ୍କ ନ୍ୟାୟପରାୟଣତା ଓ ଶରଣାଗତବତ୍ସଳତା ଦେଖି ଯମ ଓ ଅନ୍ୟ ଦେବତାମାନେ ପ୍ରସନ୍ନ ହୋଇ ତାଙ୍କୁ ଆଶୀର୍ବାଦ କଲେ। ଯମରାଜ ଯୁଧିଷ୍ଠିରଙ୍କୁ କହିଲେ, ହେ ରାଜା, ଆପଣଙ୍କ ପରି ନିଃସ୍ୱାର୍ଥ ବ୍ୟକ୍ତି ଏ ପର୍ଯ୍ୟନ୍ତ ଏ ଭୂମଣ୍ଡଳରେ କେହି ଜନ୍ମି ନାହାନ୍ତି। ଏକ ସାମାନ୍ୟ କୁକୁର ପାଇଁ ଜୀବନ ସାରା ଅର୍ଜିଥିବା ସମସ୍ତ ପୁଣ୍ୟ ତ୍ୟାଗ କରିଦେବା ପାଇଁ ଆପଣ ଯେପରି ପ୍ରସ୍ତୁତ ହୋଇଗଲେ ତାହା ମୋତେ ମୁଗ୍ଧ କରିଛି। ଆପଣଙ୍କ ହୃଦୟ ପ୍ରାଣୀମାତ୍ରଙ୍କ ପ୍ରତି ସ୍ନେହ ଓ କରୁଣାରେ ପ୍ଲାବିତ ହେଉଛ। ତେଣୁ ସ୍ୱର୍ଗଲୋକ ହିଁ ଆପଣଙ୍କ ପାଇଁ ଉପଯୁକ୍ତ ଧାମ। ତା'ପରେ ମହାରାଜା ଯୁଧିଷ୍ଠିର ଇନ୍ଦ୍ର, ଯମ ଓ ଅନ୍ୟ ଦେବତାମାନଙ୍କ ସହିତ ରଥରେ ବସି ସ୍ୱର୍ଗକୁ ଗଲେ। ଏହି ଆଖ୍ୟାନରୁ ଏତିକି ଶିକ୍ଷା ମିଳିଲା ଯେ, ପ୍ରାଣୀ ମାତ୍ରକେ ଦୟା କରିବା ମଣିଷର ଧର୍ମୟ କିନ୍ତୁ ଘରେ କୁକୁର ପାଳିବା ଅନୁଚିତ। କେବଳ ଶବର ଶ୍ରେଣୀର ଲୋକେ କୁକୁର ପାଳନ୍ତି ଶିକାରରେ ସାହାଯ୍ୟ କରିବା ପାଇଁ।

ଯକୃତକୁ ସଫା ରଖେ କେଉଁ ପରିବା



ଯକୃତ ହେଉଛି ଆମ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହା ଶରୀରରୁ ବିଷାକ୍ତ ଜିନିଷକୁ ବାହାର କରିଦିଏ, ଖାଦ୍ୟ ହଜମ କରିବା ସହିତ ଶରୀରକୁ ଶକ୍ତି ମଧ୍ୟ ଦେଇଥାଏ।କିନ୍ତୁ ଆଜିକାଲି ଅଧିକ ତେଲ, ଚିନି ଓ ଜଙ୍କ ଫୁଡ୍ ଖାଇବା ଯୋଗୁଁ ଯକୃତ ଉପରେ ବହୁତ ଚାପ ପଡୁଛି। ଏହା ଯକୃତକୁ ଦୁର୍ବଳ କରିପାରେ ଓ ଅନେକ ରୋଗର କାରଣ ମଧ୍ୟ ହୋଇପାରେ। ହେଲେ ଚିନ୍ତା କରନ୍ତୁ ନାହିଁ କିଛି ସାଧାରଣ ପରିବା ଖାଇଲେ ଆପଣଙ୍କ ଯକୃତ ସଫା ଓ ସୁସ୍ଥ ରହିବ। ଆସନ୍ତୁ ଜାଣିବା ଏହି ୬ଟି ପରିବା ବିଷୟରେ:

ପାଳଙ୍ଗ: ପାଳଙ୍ଗ ହେଉଛି ଏକ ପ୍ରକାରର ଶାଗୟ ପାଳଙ୍ଗକୁ ସାଲାଡରେ ଖାଇପାରିବେ, ସୁପ୍ ,ଜୁସ୍ ଓ ତରକାରୀ ମଧ୍ୟ ରାନ୍ଧି ଖାଇପାରିବେ । ସକାଳେ ପାଳଙ୍ଗ ଜୁସ୍ ପିଇଲେ ଯକୃତ ସହ ପେଟ ମଧ୍ୟ ସଫା ରହେ।

ବିଟ୍: ବିଟ୍ ଯକୃତ ପାଇଁ ଏକ ଭଲ ପରିବା । ଏହା ଯକୃତକୁ ସଫା କରେ ଓ ରକ୍ତକୁ ଶୁଦ୍ଧ ରଖେ ।ଏହା ଯକୃତର କୋଷକୁ ମଜବୁତ କରେ ଓ ନୂଆ କୋଷ ତିଆରି କରିବାରେ ସାହାଯ୍ୟ କରେ।।ବିଟକୁ ଜୁସ୍ କରି ପିଅନ୍ତୁ, ସାଲାଡରେ ମିଶାନ୍ତୁ କିମ୍ବା ହାଲକା ସିଝାଇ ଖାଆନ୍ତୁ।

ବ୍ରକୋଲି: ଏହା ଯକୃତକୁ ସଫା ରଖିବା ପାଇଁ ସାହାଯ୍ୟ କରେ ଓ ଶରୀରରୁ ଖରାପ ଜିନିଷ ବାହାର କରେ। ନିୟମିତ ବ୍ରକୋଲି ଖାଇଲେ ଯକୃତରେ ଚର୍ବି ଜମା ହେବା ରୋଗକୁ ମଧ୍ୟ କମାଇପାରୁଛିୟ ବ୍ରକୋଲିକୁ ସୁପ୍, ତରକାରୀ କିମ୍ବା ହାଲକା ସିଝାଇ ଖାଆନ୍ତୁ।

କଲରା: କଲରା ପିତା ହେଲେ ମଧ୍ୟ ଏହା ଯକୃତ ପାଇଁ ବହୁତ ଲାଭଦାୟକ। ଏହା ଶରୀରରୁ ବିଷ ବାହାର କରେ।କଲରା

ନଗରନକ୍ସା ମହାନଗରର ନିଜ ଭାଷା

ସୁରକ୍ଷିତ ଗଣତନ୍ତ୍ର ଆମର ପ୍ରତିବଦ୍ଧତା : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୮।୧୧ (ମହାଭାରତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଭାରତବର୍ଷ ଆଜି ବିଶ୍ୱର ଚତୁର୍ଥ ଅର୍ଥନୀତି ଉପରକୁ ଉଠି ଦ୍ରୁତ ଗତିରେ ବିକାଶ କରୁଛି ଏବଂ ଓଡ଼ିଶାରେ 'ଡବଲ୍ ଇଞ୍ଜିନ୍ ସରକାର' ଗରିବ, ଚାଷୀ, ମହିଳା ଓ ଯୁବବର୍ଗଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିଛି । ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ୨୦୪୭ ରେ ବିକଶିତ ଭାରତ ସ୍ୱପ୍ନ ଓ ଏହାର କ୍ରିୟାନ୍ୱୟନର ସଫଳ ଅଗ୍ରଗତି ହେଉଛି । ମୋଦି ସରକାରରେ ଆର୍ଥିକ ବିକାଶ ସହିତ ଦେଶରେ ଦାରିଦ୍ର୍ୟ ହ୍ରାସ ପାଉଛି । ଯାହାକୁ କିଛି ବାହ୍ୟ ଶକ୍ତି ବିରୋଧ କରୁଛନ୍ତି । କଂଗ୍ରେସ ଓ କେତେକ ବିରୋଧୀ ଦଳ ଦେଶର ଏହି ପ୍ରଗତିକୁ ସହି ନପାରି ଅରାଜକତା ସୃଷ୍ଟି କରିବାର ଅପଚେଷ୍ଟା କରୁଛନ୍ତି । ଏଥିରେ ଦେଶର ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ଓ ଏହାର ନେତା ଶ୍ରୀ ରାହୁଲ ଗାନ୍ଧୀଙ୍କ ଭୂମିକା ଓ ପ୍ରତ୍ୟକ୍ଷ ସଂପୃକ୍ତି ରହିବା ଅତ୍ୟନ୍ତ ନିନ୍ଦନୀୟ ଏବଂ ରାଷ୍ଟ୍ରହିତ ପାଇଁ ଅତ୍ୟନ୍ତ କ୍ଷତିକାରକ । ରାହୁଲ ଗାନ୍ଧୀ ବିଦେଶୀ ବିଭାଜନକାରୀ ଶକ୍ତିମାନଙ୍କ ଇସାରାରେ କାମ କରୁଛନ୍ତି । ଏସ୍‌ଆଇଆର୍‌କୁ ନେଇ ବିରୋଧୀଙ୍କ ଅପପ୍ରଚାର ଅତ୍ୟନ୍ତ ଅମୂଳକ, ଅଯୌକ୍ତିକ ଏବଂ ଭ୍ରମାତ୍ମକ । ବିରୋଧୀ ଦଳଗୁଡ଼ିକ ସାଧାରଣ ଜନତାଙ୍କ ଅଧିକାର ପାଇଁ ନୁହେଁ ବରଂ ମୃତ ବ୍ୟକ୍ତି, ଠିକଣା ବଦଳାଇଥିବା ବ୍ୟକ୍ତି ଏବଂ ବେଆଇନ ଅନୁପ୍ରବେଶକାରୀ ଓ ଜାଲ୍ ଭୋଟରଙ୍କୁ ନିଜର ଭୋଟ୍ ବ୍ୟାଙ୍କ ଭାବେ ବଂଚାଇ ରଖିବା ପାଇଁ ନିର୍ବାଚନ ଆୟୋଗ ବିରୋଧରେ ଅପପ୍ରଚାର ଚଳାଇଛନ୍ତି । କ୍ଷମତା ହରାଇବାର ଯନ୍ତ୍ରଣାରେ ଦେଶରେ ଅସ୍ଥିରତା ଓ 'ରିଜିମ୍ ଚେଞ୍ଜ'ର କଥା କହୁଛନ୍ତି । ଦେଶର ୧୪୦ କୋଟି ଜନସାଧାରଣଙ୍କ ଉପରେ ଆସ୍ଥା ନ ରଖି ନାଗରିକତା ନଥିବା ଲୋକଙ୍କୁ ସୁରକ୍ଷା ଦେବାର ଏହି ଷଡ଼ଯନ୍ତ୍ରକୁ କେବେବି ବରଦାସ୍ତ କରାଯିବ ନାହିଁ । ସୁରକ୍ଷିତ



ଗଣତନ୍ତ୍ର ଆମର ପ୍ରତିବଦ୍ଧତା ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।

ଦେଶର ଗଣତନ୍ତ୍ର, ସମ୍ବିଧାନ ଏବଂ ସାର୍ବଭୌମତ୍ୱକୁ ସୁରକ୍ଷା ଦେବା ପାଇଁ ଭାରତୀୟ ଜନତା ପାର୍ଟି ପକ୍ଷରୁ ଆୟୋଜିତ "ଗଣତନ୍ତ୍ର ବଂଚାଅ – ଅରାଜକତା ହଟାଅ" ଅଭିଯାନ ଅନ୍ତର୍ଗତ ପଦଯାତ୍ରାକୁ ଅଭୂତପୂର୍ବ ଜନସମର୍ଥନ ଓ ଲୋକଙ୍କ ଉତ୍ସାହ ମିଳୁଛି । ଓଡିଶାରେ ରାଜ୍ୟସଭା ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀକୁ ସମର୍ଥନ କରିବା, ଦିଲ୍ଲୀରେ କଂଗ୍ରେସ ଓ ଇଣ୍ଡି ମେଂଟର ବୈଠକରେ ଯୋଗ ଦେବା ଏବଂ ଦିଲ୍ଲୀଠାରେ ଅନୁଷ୍ଠିତ ଇଣ୍ଡି ମେଂଟ ରାଲିରେ ସାମିଲ ହେବା ଭଳି ଘଟଣା ବିଜୁ ଜନତା ଦଳର "ସମଦୂରତ୍ୱ ନାରାର ମିଛ ନାଟକ"ର ଅସଲ ଚରିତ୍ରକୁ ଆଜି ପଦାରେ ପକାଇଛି । ଓଡ଼ିଶାର ସ୍ୱାଭିମାନ, ଅସ୍ମିତା ଏବଂ ଗଣତନ୍ତ୍ର ଓ ରାଷ୍ଟ୍ରବାଦର ସପକ୍ଷରେ ରାଜ୍ୟବାସୀ ସର୍ବଦା ଠିଆ ହୋଇଥିବାର ଏହା ସ୍ପଷ୍ଟ ପ୍ରମାଣ କରୁଛି ।"ଗଣତନ୍ତ୍ର ବଂଚାଅ – ଅରାଜକତା ହଟାଅ" ସ୍ଲୋଗାନକୁ ଗାଁ ଗଣ୍ଡାର ପ୍ରତିଟି ଘରେ ପହଁଚାଇବାକୁ ଆହ୍ୱାନ କରୁଛି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଦେଶର ବିକାଶ ଯାତ୍ରା ଅହରହ ଜାରି ରହିଛି ଏବଂ ଜନସାଧାରଣଙ୍କ ସହଯୋଗରେ ଅରାଜକତାବାଦୀଙ୍କ ସମସ୍ତ କୁଚକ୍ରାନ୍ତକୁ ଗଣତାନ୍ତ୍ରିକ ଉପାୟରେ ସମ୍ପୂର୍ଣ୍ଣ ମୂଳପୋଛ କରି ଏକ ସମୃଦ୍ଧ ଓଡ଼ିଶା ଗଠନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ।।

ଏହି ପଦଯାତ୍ରାରେ ସାମିଲ ହୋଇ କେନ୍ଦ୍ର କୃଷି ମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହ୍ୱାନ କହିଛନ୍ତି ଯେ; ଦେଶର ସେନା, ସାମ୍ବିଧାନିକ ବ୍ୟବସ୍ଥା ଓ ଅନୁଷ୍ଠାନଗୁଡିକୁ ମିଛଟାରେ ବଦନାମ କରିବା ଭଳି ହୀନ କାର୍ଯ୍ୟରେ ରାହୁଲ ଗାନ୍ଧୀ, କଂଗ୍ରେସ ଦଳ ଓ ଇଣ୍ଡି ମେଂଟ ଦେଶ ବିରୋଧୀ ତତ୍ୱ ସହ ହାତ ମିଳାଇ କାର୍ଯ୍ୟ କରିବା ଅତ୍ୟନ୍ତ ନିନ୍ଦନୀୟ ଏବଂ ଦେଶବାସୀ ଏହାକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିସାରିଛନ୍ତି ।

ରାଷ୍ଟ୍ରୀୟ ମୁଖପାତ୍ର ତଥା ରାଜ୍ୟସଭା ସାଂସଦ ଡ.ସୁଧାଂଶୁ ତ୍ରିବେଦୀ କହିଛନ୍ତି ଯେ; କଂଗ୍ରେସ ଯେଉଁଠି ନିର୍ବାଚନ ଜିତୁଛି ସେଠାରେ ଇଭିଏମ୍ ଓ ନିର୍ବାଚନ ଆୟୋଗ ଠିକ୍ ଲାଗୁଥିବା ବେଳେ, ବିଜେପି ଜିତିଲେ ଭୋଟ୍ ଚୋରି ହେଉଛି ବୋଲି ଅଭିଯୋଗ ଆଣିବା ସେମାନଙ୍କ ଦୋମୁହାଁ ନୀତିର ପରିଚୟ ।

ବର୍ଦ୍ଧିତ ବସ୍ ଭଡ଼ା ପ୍ରତ୍ୟାହାର ଦାବି

ଭୁବନେଶ୍ୱର, ୧୮।୧୧ (ମହାଭାରତ): ଓଡ଼ିଶାରେ ଘରୋଇ ଯାତ୍ରୀବାହୀ ବସ୍‌ଗୁଡ଼ିକର ଭଡ଼ା ବୃଦ୍ଧି କରିବା ପାଇଁ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ଓଡ଼ିଶା ରାଜ୍ୟ ପରିଷଦ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି । ଏହି ଭଡ଼ା ବୃଦ୍ଧି ସାଧାରଣ ଯାତ୍ରୀ, ଦୈନିକ ଯାତାୟାତ କରୁଥିବା ଶ୍ରମିକ, କର୍ମଚାରୀ, ଛାତ୍ରଛାତ୍ରୀ, ଚାଷୀ, ପଥବିକ୍ରେତା, କ୍ଷୁଦ୍ର ବ୍ୟବସାୟୀ ଏବଂ ନିମ୍ନ ଓ ମଧ୍ୟବିତ ପରିବାରଗୁଡ଼ିକ ଉପରେ ଅତ୍ୟଧିକ ଆର୍ଥିକ ଆକ୍ରମଣ। ଦରଦାମ୍ ବୃଦ୍ଧିରେ ଜନସାଧାରଣ ଅତିଷ୍ଠ ଥିବାବେଳେ ବସ୍‌ଭଡ଼ା ବୃଦ୍ଧି ହେଉଛି ବୋଝ ଉପରେ ନଳିତା ବିଡ଼ା ସଦୃଶ। ବସ୍ ଯାତ୍ରା କେବଳ ଏକ ପରିବହନ ସେବା ନୁହେଁ, ଏହା ସାଧାରଣ ଲୋକଙ୍କ ଦୈନନ୍ଦିନ ଜୀବନର ଏକ ଅପରିହାର୍ଯ୍ୟ ଆବଶ୍ୟକତା। ବିଶେଷକରି ଗ୍ରାମାଞ୍ଚଳର ଲୋକମାନେ ଚିକିତ୍ସା, ଶିକ୍ଷା, ଜୀବିକା, କୃଷି ଓ ଅନ୍ୟାନ୍ୟ ଆବଶ୍ୟକତା ପାଇଁ ବସ୍ ଯାତ୍ରା ଉପରେ ନିର୍ଭରଶୀଳ। ଦୈନିକ ମଜୁରିଆ, ଛୋଟ ଚାଷୀ, ଅସଂଗଠିତ କ୍ଷେତ୍ରର ଶ୍ରମିକ ଓ ଛାତ୍ରଛାତ୍ରୀଙ୍କ ଆୟ ବୃଦ୍ଧି ହେଉ ନ ଥିବାବେଳେ ଯାତାୟାତ ଖର୍ଚ୍ଚ ବଢ଼ାଇବା ସେମାନଙ୍କ ଜୀବନକୁ ଆହୁରି ଦୁର୍ବିଷହ କରିବ। ବସ୍ ମାଲିକମାନଙ୍କ ପରିଚାଳନା ଖର୍ଚ୍ଚ, ଡିଜେଲ, ଟାୟାର, ଲୁବ୍ରିକାଂଟ ଓ ଅନ୍ୟାନ୍ୟ ଯନ୍ତ୍ରାଂଶର ମୂଲ୍ୟ ବୃଦ୍ଧି ସମ୍ପର୍କିତ ସମସ୍ୟାକୁ ଅଣଦେଖା କରାଯାଇପାରିବ ନାହିଁ। କିନ୍ତୁ ଏହି ସମସ୍ତ ଖର୍ଚ୍ଚର ଭାର ସିଧାସଳଖ ଯାତ୍ରୀଙ୍କ ଉପରେ ଲଦିଦେବା ଉଚିତ ନୁହେଁ। ସରକାର କେବଳ ଭଡ଼ା ବୃଦ୍ଧି କରି ନିଜ ଦାୟିତ୍ୱରୁ ମୁକ୍ତ ହୋଇପାରିବେ ନାହିଁ। ଜନସାଧାରଣଙ୍କ ଆର୍ଥିକ ସ୍ଥିତି ଓ ଜୀବନଜୀବିକାକୁ ଦୃଷ୍ଟିରେ ରଖି ବର୍ଦ୍ଧିତ ବସ୍‌ଭଡ଼ା ନିଷ୍ପତ୍ତି ତୁରନ୍ତ ପ୍ରତ୍ୟାହାର କରିବାକୁ ସିପିଆଇ ପକ୍ଷରୁ ଦାବି କରାଯାଇଛି। ଜନସାଧାରଣଙ୍କ ସ୍ୱାର୍ଥରେ ଏହି ନିଷ୍ପତ୍ତିର ପ୍ରତ୍ୟାହାର ପାଇଁ ସିପିଆଇ ଦାବି କରିଛି। ବସ୍‌ଭଡ଼ା ବୃଦ୍ଧି କରି ଜନଗଣଙ୍କୁ ଲୁଣ୍ଠନ କରିବା ଘଟଣାରେ ସିପିଆଇ ନିରବଦ୍ରଷ୍ଟା ହୋଇପାରିବ ନାହିଁ।

କଂଗ୍ରେସ ପକ୍ଷରୁ ସମବାୟ ସପ୍ତାହ ପାଳିତ

ଭୁବନେଶ୍ୱର, ୧୮।୧୧ (ମହାଭାରତ): ପ୍ରଦେଶ କଂଗ୍ରେସ କମିଟି ଆହ୍ୱାନରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ଓ ପିସିସି ସମବାୟ ପ୍ରକୋଷ୍ଠ ପକ୍ଷରୁ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ୧୩୭ ଜୟନ୍ତୀ ଓ ୭୩ ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳନ ଅବସରରେ ଶନିବାର କଂଗ୍ରେସ ଭବନ, ଭୁବନେଶ୍ୱର ଠାରେ "ନେହେରୁଙ୍କ ସ୍ୱପ୍ନର ଭାରତବର୍ଷ ଗଠନରେ ସମବାୟର ଭୂମିକା" ଶୀର୍ଷକ ଆଲୋଚନା ଚକ୍ର ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ପ୍ରକାଶ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ଆଲୋଚନା ଚକ୍ରରେ ପ୍ରଦେଶ କଂଗ୍ରେସ ସମବାୟ ପ୍ରକୋଷ୍ଠର ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଦେବାସହ ଆଲୋଚନା ଚକ୍ରର ଉପକ୍ରମଣିକା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥିଭାବେ ଯୋଗଦେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ବକ୍ତବ୍ୟରେ କହିଲେ ଯେ ପଣ୍ଡିତ ନେହେରୁ ପଂଚାୟତ ବ୍ୟବସ୍ଥା ଓ ସମବାୟ କ୍ଷେତ୍ରର ଉନ୍ନତି ନିମନ୍ତେ ପରିକଳ୍ପନା କରିଥିଲେ। ଭାରତକୁ ଆଧୁନିକ ରାଷ୍ଟ୍ରଭାବେ ଗଢ଼ିତୋଳିବାରେ ତାଙ୍କର ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ପୂର୍ବତନ ପିସିସି ସଭାପତି ଶ୍ରୀ ପ୍ରସାଦ ହରିଚନ୍ଦନ, ପିସିସି ଉପସଭାପତି ଶ୍ରୀ ସନ୍ତୋଷ ସିଂ ସାଲୁଜା, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, କଂଗ୍ରେସ ନେତା ଶିବାନନ୍ଦ ରାୟ, କିଶୋର ଜେନା, ଜଗଦାନନ୍ଦ ପ୍ରଧାନ ପ୍ରମୁଖ ପଣ୍ଡିତ ନେହେରୁଙ୍କର ବୈଦେଶିକ ନୀତି, ସାମାଜିକ ସଂସ୍କାର ଓ ଧର୍ମନିରପେକ୍ଷତା, କୃଷି ଓ ଗ୍ରାମିଣ ବିକାଶ, ଉଚ୍ଚଶିକ୍ଷା ଓ ବୈଷୟିକ ଅନୁଷ୍ଠାନ ପ୍ରତିଷ୍ଠା, ଅର୍ଥନୈତିକ ଯୋଜନା ଓ ଶିଳ୍ପାୟନ ତଥା ସମବାୟର ବିକାଶ ନିମନ୍ତେ କାର୍ଯ୍ୟକାରୀ ହୋଇଥିବା ବହୁ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ ।

ଆଇଆଇଟିଏଫ୍ ଓଡ଼ିଶା ପାଭିଲିୟନ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୧୮।୧୧ (ମହାଭାରତ): ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ନୂଆଦିଲ୍ଲୀ ସ୍ଥିତ ଭାରତ ମଣ୍ଡପମ୍ ?ରେ ଅନୁଷ୍ଠିତ ୪୫ତମ ଭାରତ ଆନ୍ତର୍ଜାତୀୟ ବାଣିଜ୍ୟ ମେଳା (ଆଇ.ଆଇ.ଟି.ଏଫ୍)-୨୦୨୬ର ହଲ୍-୩ରେ ଓଡ଼ିଶା ପାଭିଲିୟନ୍‌ର ଉଦ୍‌ଘାଟନ କରିଛନ୍ତି। ମେଳାର ମୁଖ୍ୟ ବିଷୟବସ୍ତୁ 'ବିକାଶ ଓ ବିରାସତ୍' (ବିକାଶ ଏବଂ ଐତିହ୍ୟ) ସହ ସମତାଳ ରଖି, ଓଡ଼ିଶା ପାଭିଲିୟନ୍‌କୁ 'ଯେଉଁଠାରେ ବିରାସତ୍ ବିକାଶକୁ ଅନୁପ୍ରାଣିତ କରେ' ଶୀର୍ଷକରେ ଉପସ୍ଥାପନ କରାଯାଇଛି । ଏହା ରାଜ୍ୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ, ପାରମ୍ପରିକ କାରିଗରୀ, ବିବିଧ ସମ୍ପଦ ଏବଂ ଉଦୀୟମାନ ଅର୍ଥନୈତିକ ସୁଯୋଗଗୁଡ଼ିକୁ ଉଜାଗର କରୁଛି।

ଏହି ପାଭିଲିୟନ୍ ?ରେ ଓଡ଼ିଶାର ସ୍ୱତନ୍ତ୍ର ହସ୍ତତନ୍ତ, ହସ୍ତଶିଳ୍ପ, ଜିଆଇ - ଟ୍ୟାଗ୍‌ଯୁକ୍ତ ଉତ୍ପାଦ, ଜନଜାତି କଳା, କୃଷିଜାତ ଦ୍ରବ୍ୟ, ଜଙ୍ଗଲଜାତ ସାମଗ୍ରୀ, ଦୁଗ୍ଧଜାତ ଦ୍ରବ୍ୟ, ଗ୍ରାମୀଣ ଉଦ୍ୟୋଗ ଏବଂ ପର୍ଯ୍ୟଟନ ସମ୍ବନ୍ଧୀୟ ସୁବିଧାର ବ୍ୟାପକ ପ୍ରଦର୍ଶନ କରାଯାଇଛି। ରାଜ୍ୟର ବିଭିନ୍ନ ବିଭାଗ, ସଂସ୍ଥା, ସମବାୟ ସମିତି ଏବଂ ଉତ୍ପାଦକ ସଂଗଠନଗୁଡ଼ିକ ଏହି ପ୍ରଦର୍ଶନୀରେ ଅଂଶଗ୍ରହଣ କରି ଓଡ଼ିଶାର ସାଂସ୍କୃତିକ ଐତିହ୍ୟକୁ ସୁରକ୍ଷିତ ରଖିବା ସହିତ ନବସୃଜନ, ଉଦ୍ୟମିତା ଏବଂ ନିରନ୍ତର ବିକାଶ ଆଡ଼କୁ ଅଗ୍ରସର ହେବାର ଯାତ୍ରାକୁ ପ୍ରତିଫଳିତ କରୁଛନ୍ତି ।ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାର ସମୃଦ୍ଧ ଐତିହ୍ୟ ଏବଂ ସାମ୍ପ୍ରତିକ ବିକାଶ ଯାତ୍ରାକୁ ଉପସ୍ଥାପନ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଛନ୍ତି । ସେ କହିଛନ୍ତି ଯେ, ସମ୍ବଲପୁରୀ ବସ୍ତ୍ର, ସୂତା, ଟସର ଓ ରେଶମ ସାମଗ୍ରୀ, ପଟ୍ଟଚିତ୍ର, ତାଳପତ୍ର ଖୋଦେଇ କଳା, ରୂପା ତାରକସି କାମ, ଢୋକ୍ରା ଶିଳ୍ପ, ପଥର ଓ କାଠ ଖୋଦେଇ, ଆପ୍ଲିକ୍ (ଚାନ୍ଦୁଆ) କାମ ଏବଂ ଅନ୍ୟାନ୍ୟ



ପାରମ୍ପରିକ କଳାକୃତି ରାଜ୍ୟର କାରିଗରମାନଙ୍କ ଅସାଧାରଣ ଦକ୍ଷତାକୁ ପ୍ରଦର୍ଶିତ କରୁଛି । ରୂପା ତାରକସି, ଢୋକ୍ରା ଶିଳ୍ପ, ପଥର ଖୋଦେଇ ଏବଂ ପାରମ୍ପରିକ ବୁଣାକାର୍ଯ୍ୟର ପ୍ରତ୍ୟକ୍ଷ ପ୍ରଦର୍ଶନ ଏହାର ଆକର୍ଷଣକୁ ବଢାଉଥିବାବେଳେ ବ୍ଲକଚେନ୍ ଜ୍ଞାନକୌଶଳ ସମ୍ବଳିତ ହସ୍ତତନ୍ତ ବୁଣାକାର୍ଯ୍ୟ, ପାରମ୍ପରିକ କଳାକୌଶଳ ସହିତ ଆଧୁନିକ ପ୍ରଯୁକ୍ତିବିଦ୍ୟାର ସମନ୍ୱୟକୁ ଦର୍ଶାଉଛି ।

ଏହି ମେଳରେ 'ମିଶନ ଶକ୍ତି' ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ସବାଇ ଘାସରୁ ତିଆରି ସାମଗ୍ରୀ, ଆଦିବାସୀ ଅଳଙ୍କାର, ପେପର ମାଚେ (କାଗଜ ଲୁଣ୍ଡିରୁ ତିଆରି କଳାକୃତି), ମାଣ୍ଡିଆ ଜାତୀୟ ସାମଗ୍ରୀ, ଖାଇବା ପାଇଁ ପ୍ରସ୍ତୁତ ଖାଦ୍ୟ ପଦାର୍ଥ, ହସ୍ତତନ୍ତ ଏବଂ ହସ୍ତଶିଳ୍ପ ସାମଗ୍ରୀ ପରି ବିଭିନ୍ନ ଆକର୍ଷଣୀୟ ସାମଗ୍ରୀ ପ୍ରଦର୍ଶିତ ହେଉଛି । ସେହିପରି 'ଓରମାସ୍' ଗ୍ରାମୀଣ ଉଦ୍ୟୋଗୀତାର ଶକ୍ତିକୁ ପ୍ରତିଫଳିତ କରୁଥିବା ଗୋଲଡେନ୍ ଗ୍ରାସ୍ (ସୁବର୍ଣ୍ଣ ଘାସ) ସାମଗ୍ରୀ, ବିଭିନ୍ନ ମସଲା, ମାଣ୍ଡିଆ ଜାତୀୟ ଉତ୍ପାଦ, ଆଚାର, ମହୁଲ ଜାତୀୟ ସାମଗ୍ରୀ ଏବଂ ନଡ଼ିଆ କତା ଭଳି ସାମଗ୍ରୀଗୁଡ଼ିକୁ ପ୍ରଦର୍ଶିତ କରୁଛି । ଏହି ପାଭିଲିୟନ୍ ?ରେ ଓଡ଼ିଶାର ଜନଜାତି ଐତିହ୍ୟକୁ ମଧ୍ୟ ପ୍ରଦର୍ଶିତ କରାଯାଇଛି, ଯେଉଁଥିରେ ଗୋଣ୍ଡ ଓ ଲାଞ୍ଜିଆ ସୌରା ଚିତ୍ରକଳା, ଡଙ୍ଗରିଆ କନ୍ଧ ସମ୍ପ୍ରଦାୟର ସ୍ୱତନ୍ତ୍ର ଶାଲ୍, କ୍ଷୁଦ୍ର ଜଙ୍ଗଲଜାତ ଦ୍ରବ୍ୟ, ଆଦିବାସୀଙ୍କ ଦ୍ୱାରା ପ୍ରସ୍ତୁତ ମୂଲ୍ୟଯୁକ୍ତ ସାମଗ୍ରୀ ଏବଂ କୋରାପୁଟ କଫି ଅନ୍ତର୍ଭୁକ୍ତ। ମାଣ୍ଡିଆ, କଳା ଚାଉଳ, ପାରମ୍ପରିକ କିସମର ଚାଉଳ, କାଙ୍କୁ, ମହୁ, ମସଲା ଏବଂ ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ମୂଲ୍ୟଯୁକ୍ତ ସାମଗ୍ରୀ ଭଳି କୃଷିଜାତ ଦ୍ରବ୍ୟଗୁଡ଼ିକ, ରାଜ୍ୟର ସ୍ଥାୟୀ କୃଷି ଏବଂ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଥିବା ସମ୍ଭାବନାକୁ ଦର୍ଶାଉଛି। 'ଓମଫେଡ୍' ନିଜର ଦୁଗ୍ଧଜାତ ସାମଗ୍ରୀ ସହିତ କନ୍ଧମାଳର ଜୈବିକ ହଳଦୀ ପ୍ରଦର୍ଶନ କରୁଥିବା ବେଳେ, 'ଓଡ଼ିଶା ପର୍ଯ୍ୟଟନ' ବିଭାଗ କୋଣାର୍କର ସୂର୍ଯ୍ୟ ମନ୍ଦିର, ପୁରୀର ଶ୍ରୀଜଗନ୍ନାଥ ଧାମ ଏବଂ ଚିଲିକା ହ୍ରଦର ପ୍ରତୀକ ସହ ରାଜ୍ୟର ସମୃଦ୍ଧ ଆଧ୍ୟାତ୍ମିକ, ସାଂସ୍କୃତିକ ଏବଂ ପ୍ରାକୃତିକ ଆକର୍ଷଣଗୁଡ଼ିକୁ ଉପସ୍ଥାପନ କରୁଛି ।

ପେନସନ୍ ଯୋଜନାରେ ବିଏମସି ଅଞ୍ଚଳର ୫,୩୨୪ ହିତାଧିକାରୀ

ଭୁବନେଶ୍ୱର, ୧୮।୧୧ (ମହାଭାରତ): ସମାଜର ଅସହାୟ, ଆର୍ଥିକ ଦୁର୍ବଳ ଓ ଅବହେଳିତ ବର୍ଗଙ୍କୁ ସାମାଜିକ ସୁରକ୍ଷା ଯୋଗାଇଦେବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ମଧୁବାବୁ ପେନ୍ସନ୍ ଯୋଜନା ଅଧୀନରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) ଅଞ୍ଚଳର ଆଉ ୫,୩୨୪ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ନୂତନ ଭାବେ ସାମିଲ କରାଯାଇଛି। ଏହାକୁ ମିଶାଇ ବିଏମ୍ସି ଅଞ୍ଚଳରେ ଏହି ଯୋଜନାର ମୋଟ ହିତାଧିକାରୀଙ୍କ ସଂଖ୍ୟା ୨୭,୧୧୨ରେ ପହଞ୍ଚିଛି। ପୂର୍ବରୁ ବିଏମ୍ସି ଅଞ୍ଚଳର ୨୧,୭୮୮ ଜଣ ହିତାଧିକାରୀ ଏହି ଯୋଜନାରେ ପେନ୍ସନ୍ ପାଉଥିଲେ। ଦୀର୍ଘ ଦୁଇ ବର୍ଷ ଧରି ପେନ୍ସନ୍ ପାଇବାକୁ ଅପେକ୍ଷା କରିଥିବା ଯୋଗ୍ୟ ଆବେଦନକାରୀଙ୍କ ମଧ୍ୟରୁ ନୂତନ ବ୍ୟବସ୍ଥାରେ ୫,୩୨୪ ଜଣଙ୍କୁ ଚୟନ କରାଯାଇଛି। ଏହା ଦ୍ୱାରା ଅନେକ ଯୋଗ୍ୟ ବ୍ୟକ୍ତିଙ୍କୁ ଦୀର୍ଘଦିନର ଅପେକ୍ଷା ପରେ ନିୟମିତ ଆର୍ଥିକ ସହାୟତା ମିଳିବାର ପଥ ସୁଗମ ହୋଇଛି।



ନୂତନ ଭାବେ ଚୟନ ହୋଇଥିବା ୫,୩୨୪ ଜଣଙ୍କ ମଧ୍ୟରେ ୩,୨୨୯ ଜଣ ୬୦ ବର୍ଷ ଓ ତଦୁର୍ଦ୍ଧ୍ୱ ବରିଷ୍ଠ ନାଗରିକ, ୩୩ ଜଣ ୮୦ ବର୍ଷ ଓ ତଦୁର୍ଦ୍ଧ୍ୱ ବରିଷ୍ଠ ନାଗରିକ, ୧,୩୭୮ ଜଣ ବିଧବା ମହିଳା, ୯୧ ଜଣ ୮୦ ପ୍ରତିଶତ କିମ୍ବା ତଦୁର୍ଦ୍ଧ୍ୱ ଭିନ୍ନକ୍ଷମ, ୧୫୩ ଜଣ ୬୦ରୁ ୭୯ ପ୍ରତିଶତ ଭିନ୍ନକ୍ଷମ ଏବଂ ୨୩୫ ଜଣ ୪୦ରୁ ୫୯ ପ୍ରତିଶତ ଭିନ୍ନକ୍ଷମ ବ୍ୟକ୍ତି ରହିଛନ୍ତି। ସେହିପରି ୧୨୨ ଜଣ ଅବିବାହିତ ମହିଳା, ୮୧ ଜଣ ନିଃସହାୟ ଓ ଛାଡ଼ପତ୍ର ପ୍ରାପ୍ତ ମହିଳା ଏବଂ ୨ ଜଣ ତୃତୀୟ ଲିଙ୍ଗୀ ବ୍ୟକ୍ତି ମଧ୍ୟ ଏହି ତାଲିକାରେ ସାମିଲ ହୋଇଛନ୍ତି। ଯେ.ଜ.ନ.ର.ନି.ୟ.ମ ଅନୁଯାୟୀ, ହିତାଧିକାରୀଙ୍କ ବର୍ଗ ଓ ଯୋଗ୍ୟତା ଅ.ଧି.କା.ରେ ମ.। ସି.କ ୧,୦୦୦ ଟ.ଙ୍କ.। ରୁ ୩,୫୦୦ ଟଙ୍କା ପର୍ଯ୍ୟନ୍ତ ପେନ୍ସନ୍ ପ୍ର.ଦ.ାନ କରାଯିବ। ୮୦ ବର୍ଷ ଓ ତଦୁର୍ଦ୍ଧ୍ୱ ବରିଷ୍ଠ ନାଗରିକ ଏବଂ ୮୦ ପ୍ରତିଶତ କିମ୍ବା ତଦୁର୍ଦ୍ଧ୍ୱ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ମାସିକ ୩,୫୦୦ ଟଙ୍କା, ୬୦ରୁ ୭୯ ପ୍ରତିଶତ ଭିନ୍ନକ୍ଷମଙ୍କୁ ୧,୨୦୦ ଟଙ୍କା ଏବଂ ଅନ୍ୟ ନିର୍ଦ୍

ବାଂଲାଦେଶୀଙ୍କ ସପକ୍ଷରେ ଓକିଲାତି

ପଶ୍ଚିମବଙ୍ଗରେ ଟିଏମସି, ୟୁପିରେ ସମାଜବାଦୀ ପାର୍ଟି ଏବଂ ଓଡ଼ିଶାରେ ଏମାନେ ବିଜେଡିକୁ ଭୋଟ ଦିଅନ୍ତି। ଏହି ଅନୁପ୍ରବେଶକାରୀମାନେ କଳେ ବଳେ କୌଶଳେ ଭାରତୀୟ ନାଗରିକ ଭାବେ ଫଟୋ ପରିଚୟପତ୍ର ପାଇଛନ୍ତି। ଏସଆଇଆର ଫଳରେ ଏହି ଅନୁପ୍ରବେଶକାରୀମାନେ ଧରାପଡ଼ିଯାଇଛନ୍ତି। ସେମାନେ ଭୋଟର ତାଲିକାରୁ ବାଦ ହେବା ଫଳରେ ବିରୋଧୀଙ୍କ ଭୋଟ ବ୍ୟାଙ୍କ ବା ଭାତ ହାଣ୍ଡିରେ ଧୂଳି ପଡ଼ିଛି। ଏହାକୁ ସେମାନେ ବରଦାସ୍ତ କରିପାରୁନାହାଁନ୍ତି। ସେମାନଙ୍କ ଯୁକ୍ତି ହେଲା ଭାରତ ଏକ ବିଶାଳ ଦେଶ। ଏଠାରେ ୩। କୋଟି ବାଂଲାଦେଶୀ ନାଗରିକ ଭାବେ ରହିଲେ କ୍ଷତି କ'ଣ? ପ୍ରଶ୍ନ ହେଉଛି ଭାରତ କ'ଣ ଏକ ଧର୍ମଶାଳା? ଭାରତଠାରୁ ଚୀନ ଆହୁରି ବଡ଼। ସେଠାରେ ବାଂଲାଦେଶୀମାନେ କାହିଁକି ଆଶ୍ରୟ ନେଉ ନାହାଁନ୍ତି? ଦ୍ୱିତୀୟରେ ୧୯୪୭ରେ ଭାରତ ବିଭାଜନ ବେଳେ ଯେଉଁମାନେ ପୂର୍ବ ପାକିସ୍ତାନରେ ରହିବାକୁ ଚାହିଁଲେ ସେମାନେ ଭାରତରୁ ଅଲଗା ହୋଇଗଲେ। ଏବେ ସେମାନେ କାହିଁକି ଭାରତରେ ରହିବାକୁ ଚାହୁଁଛନ୍ତି? ତା ହେଲେ ସେମାନେ ମୂଳରୁ କାହିଁକି ପାକିସ୍ତାନକୁ ବାଛିଲେ? ଯଦି ସେମାନେ ଏଠାରେ ରହିବାକୁ ଚାହୁଁଛନ୍ତି ତେବେ ମୂଳରୁ ପାକିସ୍ତାନ ସହ ରହିନଥାନ୍ତେ। ଏବେ ଖାଇବାକୁ ନପାଇ ଭାରତକୁ ଦଉଡ଼ି ଆସୁଛନ୍ତି। ଏହାକୁ କହନ୍ତି ସୁବିଧାବାଦ। ସେମାନେ ଭାରତର ସମ୍ବଳରେ କେବଳ ଭାଗ ବସାଉ ନାହାଁନ୍ତି, ଭାରତ ବିରୋଧୀ କାର୍ଯ୍ୟକଳାପରେ ଲପ୍ତ ରହୁଛନ୍ତି। ତେଣୁ ସେମାନଙ୍କୁ ଭାରତରୁ ବିଦା କରାଯିବା ଉଚିତ। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା କିଛି ଦଳ ସେମାନଙ୍କୁ ସୁରକ୍ଷା ପ୍ରଦାନ କରିବାକୁ ଅଣ୍ଟା ଭିଡ଼ିଛନ୍ତି। ଏମାନେ ଭାରତର ସ୍ୱାର୍ଥ ବିରୋଧୀ। କେବଳ ନିଜ ସ୍ୱାର୍ଥ ପାଇଁ ଏମାନେ ଦେଶର ବୃହତ୍ତର ସ୍ୱାର୍ଥକୁ ବଳି ପକାଉଛନ୍ତି। ଅନୁପ୍ରବେଶ ଏକ ଅନ୍ତର୍ଜାତୀୟ ସମସ୍ୟା ଏବଂ ବିଶ୍ୱର ସବୁ ଦେଶ ପାଇଁ ଏହା ଏକ ଚାଲେଞ୍ଜ। ଏହି କାରଣରୁ ଆଜି ୟୁରୋପରେ ଅଶାନ୍ତି ଓ ଅସନ୍ତୋଷର ନିଆଁ ଜଳୁଛି। ପଡ଼ୋଶୀ ଦେଶରେ ଆର୍ଥିକ, ସାମାଜିକ ଏବଂ ରାଜନୈତିକ ସଙ୍କଟ, ଅସ୍ଥିରତା ସୃଷ୍ଟି ହେଲେ ସେହି ଦେଶର କିଛି ନାଗରିକ ପାଖ ପଡ଼ୋଶୀ ଦେଶକୁ ଆଶ୍ରୟ ନେବାକୁ ଚାଲିଆସୁଛନ୍ତି। କେବଳ ପଡ଼ୋଶୀ ଦେଶ ନୁହେଁ, ଅନେକ ସୁଦୂର ଆମେରିକା ଭଳି ସମୃଦ୍ଧ ରାଷ୍ଟ୍ରକୁ ଲୁଚିଛପି ଚାଲିଯାଉଛନ୍ତି। ବେଳେବେଳେ ଅନେକ ଜୀବନ ରକ୍ଷା ପାଇଁ ମଧ୍ୟ ବାଧ୍ୟ ହୋଇ ନିଜ ଦେଶ ଛାଡ଼ି ଅନ୍ୟ ଦେଶକୁ ଚାଲିଯାଉଛି। ଅର୍ଥ ରୋଜଗାର କରିବା ଏବଂ ଏକ ସ୍ୱଚ୍ଛଳ ଜୀବନ ଯାପନ କରିବାର ପ୍ରଲୋଭନ, ସ୍ୱପ୍ନ ମଧ୍ୟ ସେମାନଙ୍କୁ ଆମେରିକା ଭଳି ଦେଶକୁ ଚାଲିଯାଉଛନ୍ତି। କିଛି ଲୋକ ଶରଣାର୍ଥୀ ଭାବେ ପଡ଼ୋଶୀ ଦେଶକୁ ଚାଲିଯାଆନ୍ତି। ଆଉ କିଛି ଲୋକ ଲୁଚି ଛପି ଚୋରଙ୍କ ଭଳି ପଡ଼ୋଶୀ ଦେଶର ମୌଗଳିକ ସୀମାରେ ଅନୁପ୍ରବେଶ କରୁଛନ୍ତି। ଏହା ଏକ ଅପରାଧ। ଭାରତ ଗତ ୭୮ ବର୍ଷ ହେବ ଏହି ସମସ୍ୟା ସହ ମୁକାବିଲା କରି ଆସୁଛି। ବିଶେଷ କରି ବାଂଲାଦେଶରୁ ଅନେକ ବର୍ଷ ଧରି ବହୁ ଲୋକ ଅନୁପ୍ରବେଶ କରିଆସୁଛନ୍ତି। ଦେଶର ଜନସଂଖ୍ୟା ବୃଦ୍ଧି ସହ ଖାଦ୍ୟାଭାବ ଏବଂ ଆର୍ଥିକ ସଙ୍କଟ ସୃଷ୍ଟି ହୋଇଛି। ଅନେକ ବାଂଲାଦେଶୀ ଭାରତ ବିରୋଧୀ ଷଡ଼ଯନ୍ତ୍ରରେ ସାମିଲ ହେଉଛନ୍ତି। କାରଣ ସେମାନେ ଭାରତରେ ଆଶ୍ରୟ ନେଲେ ମଧ୍ୟ ଏହାକୁ ସେମାନେ ନିଜର ଦେଶ ବୋଲି ବିଚାର କରନ୍ତି ନାହିଁ। ସେମାନଙ୍କ ମଧ୍ୟରୁ ଅନେକ ଅପରାଧୀ, ଆତଙ୍କବାଦୀ ଲୁଚି ରହିଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଏହି ଅନୁପ୍ରବେଶକାରୀଙ୍କୁ ରୋକିବା ବା ଦେଶରୁ ବିଦା କରିବା ପରିବର୍ତ୍ତେ ଅନେକ ରାଜନୈତିକ ଦଳ ସଂକୀର୍ଣ୍ଣ ଭୋଟ ରାଜନୀତି ପାଇଁ ସେମାନଙ୍କୁ ସୁରକ୍ଷା ପ୍ରଦାନ କରୁଛନ୍ତି। ଅନେକ ସେମାନଙ୍କୁ ଭାରତର ନାଗରିକତ୍ୱ ହାସଲରେ ସହାୟକ ହେଉଛନ୍ତି। ମମତା ବାନାର୍ଜୀ ଏଥିରେ ସବୁଠାରୁ ବଡ଼ ଭୂମିକା ନେଉଛନ୍ତି। ପଶ୍ଚିମବଙ୍ଗରେ ବେଆଇନ ଭାବେ ବସବାସ କରୁଥିବା ବାଂଲାଦେଶୀ ନାଗରିକଙ୍କୁ ମମତା ବିଦା କରିବା ପରିବର୍ତ୍ତେ ସେମାନଙ୍କ ସପକ୍ଷରେ ଓକିଲାତି କରୁଛନ୍ତି। କ୍ଷମତା ପାଇଁ ମମତା ମିଛ ଧର୍ମନିରପେକ୍ଷତା ଆଳରେ ଦେଶର କ୍ଷତି କରୁଛନ୍ତି।

ଆମ ଓଡ଼ିଆ ଫିଲ୍ମ

॥ ଗୁରୁପଦ ନାଥ ॥

ନିକଟରେ ଏ ନେଇ କିଛି କଳାକାରଙ୍କୁ ସାକ୍ଷା କରିଥିଲି । ସେମାନେ ଯାହା କହିଲେ ଚିନ୍ତାର ବିଷୟ । ନୂତନ କଳାକାରଙ୍କ ଟ୍ୟାଲେ କୁ ପ୍ରଶଂସା କରିଥିଲେ , ମାତ୍ର ନିର୍ଦ୍ଦେଶକ ଓ ପ୍ରଯୋଜକଙ୍କୁ ଦାୟୀ କରିଛନ୍ତି । ଯେଉଁମାନେ ଗୋଟିଏ ସିନେମାର ମୁଖ୍ୟ ପୁରୋଧା । ଯେଉଁ କଳାକାରଟିଏ ଅଭିନୟ ଲାଗି ଆ।ସୁଛି ମାତ୍ର ୩ରୁ ୪ଟି ଫିଲ୍ମ ପରେ ସେ ଅଭିନୟ ଛାଡ଼ି ରାଜନୀତିରେ ପଶୁଛି । ରୂପେଲି ପରଦାରେ ପରୀକ୍ଷା ଦେବା ଛାଡ଼ି ଗାଁ ମେଦାନରେ ଯାଇ ଭାଷଣ ଦେଉଛି । ଏଥିରେ କାହାର କ'ଣ କ୍ଷତି ଲାଭ ହେଉଛି ସେ ହିଁ ବିଚାର କରିବେ କିନ୍ତୁ ଆ।ମ ଇଣ୍ଡଷ୍ଟ୍ରି ବୁଡ଼ି ଯାଉଛି ।

ଦୀର୍ଘ ୮୬ବର୍ଷରେ ପାଦ ଥାପି ଚଲିଛି ଆମ ଓଡ଼ିଆ ଫିଲ୍ମ। ଆଉ ୧୪ବର୍ଷ ପରେ ସେ ତାର ଶତ ବାର୍ଷିକ ପାଳନ କରିବ। ମନେ ପକାଇବ ତା'ର ସମୃଦ୍ଧ ଇତିହାସକୁ । ଏହି ଯାତ୍ରା ସେତେଟା ସହଜ ନ ଥିଲା। ପଛକୁ ଅନାଇଲେ ଯେତିକି କଣ୍ଟକିତ ଦେଖାଯାଉଛି ସେତିକି ରଙ୍ଗୀନ ମଧ୍ୟ ରହିଛି । ୧୯୩୬ ମସିହା ୨୮ତାରିଖରେ ସୀତା ବିବାହରୁ ଆ।ରମ୍ଭ ହୋଇଥିଲା ଏହି ସ୍ୱର୍ଣ୍ଣିମ ଯାତ୍ରା । ମାତ୍ର ଏବେ ଏହି ଯାତ୍ରାରେ କାହାର ଯେପରି ନଜର ଲାଗିଯାଇଛି । ସମସ୍ତେ ବ୍ୟସ୍ତ ଦୋଷ ଦେବା ଲାଗି । ଦର୍ଶକ ନିର୍ଦ୍ଦେଶକଙ୍କୁ ଆ।ଉ ନିର୍ଦ୍ଦେଶକ ଦର୍ଶକଙ୍କୁ କଥା ରହିଲା ପ୍ରଯୋଜକ ସେ ସବୁ ଦେଖି ନିରୁପାୟ ।

ଫିଲ୍ମ ଆ।ସୁଛି ମାତ୍ର ପୋଷ୍ଟରରେ ରହିଯାଉଛି । ବଡ଼ ତାରକା ହୋଟେଲରେ ପୋଷ୍ଟର ରିଲିଜ ହେଉଛି। କିନ୍ତୁ ତାହା ସେହି ଚରିକାନ୍ଦୁ ଓ ସୋସିଆ।ଲ ମିଡ଼ିଆ।ରେ ଗୋଟିଏ କିମ୍ବା ଦୁଇ ଦିନ ସୀମିତ ରହୁଛି । ତା'ପରେ କେହି କିଛି ଜାଣିପାରୁନାହାନ୍ତି । କରୋନା ପରେ ତ ହଲ୍ କଥା ନ କହିବା ଭଲ । ଯେତିକି ହଲ୍ ଥିଲା ତାହା ମଧ୍ୟରୁ କିଛି ବନ୍ଦ ହେବାକୁ ବସିଲାଣି । ଗୁଗୁଲରେ ସର୍ଚ୍ଚ କଲେ ତାହା ନଂ ୮୧ରେ ଅଛି । କିନ୍ତୁ ସେଥିରୁ ଅନେକ ମଧ୍ୟ ଏବେ ବନ୍ଦ ହେବାକୁ ବସିଲାଣି। ତଥାପି ଆ।ମେ ଆ।ମ ପ୍ରବୃତ୍ତି ଛାଡୁନାହୁଁ । ଅଭିଯୋଗର ଲମ୍ବା ଫର୍ଦ୍ଦ ଧରି ଆ।ମେ ବସିଛୁ ସିନା ପ୍ରତିକାରର ସୂତ୍ର ବାହାର କରୁନାହୁଁ । ଯାହାଙ୍କୁ ପଚାରିଲେ ସେ କହୁଛନ୍ତି ଆ।ମ ଓଡ଼ିଆ। ଫିଲ୍ମ ଚଲୁନି। ବେଶି ଟିକେ ପଚାରିଲେ କୁହନ୍ତି ଭଲ କାହାଣୀ ଆ।ସୁନାହିଁ। କେହି ପ୍ରଯୋଜକ ରିସ୍କ ନେବାକୁ ଚାହୁଁ ନାହାନ୍ତି ଏଭଳି କିଛି ଉତ୍ତର ଆ।ସୁଛି । ଯାହା ଆ।ଜି ପ୍ରତିଟି ସିନେପ୍ରେମୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି ।

କଳାକାରମାନଙ୍କ କଥା ତ ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ଆ।ମ ଫିଲ୍ମ ନ ଚଲୁ ପଛେ କିନ୍ତୁ ଆ।ମ ଷ୍ଟାରମାନଙ୍କର ଘରୋଇ ବିବାଦ ଏବେ ସୋସିଆ।ଲ ମିଡ଼ିଆ।ରେ ଭଲ ମାଇଲେଜ ନେଉଛି। ଭିୟୁର୍ସ କ୍ଷେତ୍ରରେ ହେଉ କି କମେ। ୟୁଟ୍ୟୁବ୍ ଖୋଲିଲେ ଏବେ ଓଲିଉଡ଼ର ସ୍ୱର୍ଣ୍ଣିମ କାହାଣୀ ନୂହେଁ କଳଙ୍କର ଚେହେରା ଦେଖିବାକୁ ମିଳୁଛି। କିଛି ଅଭିନେତା ଅଭିନେତ୍ରୀ ଏହାକୁ ନେଇ ସ୍ୱର ମଧ୍ୟ ଉଠାଉଛନ୍ତି । ଯାହା ଏବେ ଓଡ଼ିଅ। ସିନେ ପ୍ରେମୀଙ୍କ ମନକୁ ଭାଙ୍ଗି ଦେଉଛି । ସେମାନେ ଏବେ ବଡ଼ ପରଦାରୁ ମୁହଁ ଫେରାଇ ଛୋଟ ପରଦା ଆ।ଡ଼କୁ ଯାଉଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଏବେ ହେଉଛି କି ପୂର୍ବ ଭଳି ବଡ଼ ପରଦାର ଅଭିନେତା ଅଭିନେତ୍ରୀ ଏବେ ଆ।ଉ ଲୋକପରିଚିତ ହୋଇପାରୁନାହାନ୍ତି । ଯାହା ଏବେ ମୁଖ୍ୟ ସମସ୍ୟା ହୋଇଗଲାଣି । ପୂର୍ବରୁ ଗାଁର ଘରେ ଘରେ ଆ।ମ ଅଭିନେତା ଅଭିନେତ୍ରୀମାନେ ପରିଚିତ ହେଉଥିଲେ।



ଯେତେବେଳେ ଇଣ୍ଟରନେଟର ଅଭାବ ଥିଲା । ମାତ୍ର ଏବେ ୫ଜି ଯୁଗରେ ମଧ୍ୟ ଆ।ମ କଳାକାରମାନେ ଲୋକମାନଙ୍କ ପାଖରେ ପହଞ୍ଚି ପାରୁନାହାନ୍ତି । ଯାହା ଏବେ ମୁଖ୍ୟ ପ୍ରସଙ୍ଗ ପାଲଟିଛି । କିନ୍ତୁ ଆ।ମ ଛୋଟ ପରଦାର କଳାକାରମାନେ ଏବେ ଘରେ ଘରେ ପରିଚିତ ଏଥିରେ ସନ୍ଦେହ ନାହିଁ।

ନିକଟରେ ଏ ନେଇ କିଛି କଳାକାରଙ୍କୁ ସାକ୍ଷା କରିଥିଲି । ସେମାନେ ଯାହା କହିଲେ ଚିନ୍ତାର ବିଷୟ। ନୂତନ କଳାକାରଙ୍କ ଟ୍ୟାଲେ କୁ ପ୍ରଶଂସା କରିଥିଲେ , ମାତ୍ର ନିର୍ଦ୍ଦେଶକ ଓ ପ୍ରଯୋଜକଙ୍କୁ ଦାୟୀ କରିଛନ୍ତି । ଯେଉଁମାନେ ଗୋଟିଏ ସିନେମାର ମୁଖ୍ୟ ପୁରୋଧା । ଯେଉଁ କଳାକାରଟିଏ ଅଭିନୟ ଲାଗି ଆ।ସୁଛି ମାତ୍ର ୩ରୁ ୪ଟି ଫିଲ୍ମ ପରେ ସେ ଅଭିନୟ ଛାଡ଼ି ରାଜନୀତିରେ ପଶୁଛି । ରୂପେଲି ପରଦାରେ ପରୀକ୍ଷା ଦେବା ଛାଡ଼ି ଗାଁ ମେଦାନରେ ଯାଇ ଭାଷଣ ଦେଉଛି । ଏଥିରେ କାହାର କ'ଣ କ୍ଷତି ଲାଭ ହେଉଛି ସେ ହିଁ ବିଚାର କରିବେ କିନ୍ତୁ ଆ।ମ ଇଣ୍ଡଷ୍ଟ୍ରି ବୁଡ଼ି ଯାଉଛି । କେହି କେହି କୋହ ଭରା କଣ୍ଠରେ ମଧ୍ୟ କହିଛନ୍ତି। ଦୁଃଖ ଲାଗୁଛି ଭଲ କାହାଣୀ ଆ।ସୁନାହିଁ। ଯାହାବି ହେଉଛି ପ୍ରଯୋଜକ ରିସ୍କ ନେବାକୁ ଚାହୁଁ ନାହାନ୍ତି । ଫଳରେ କମ୍ ବଜେଟରେ ଫିଲ୍ମ କରି ଛୋଟ ପରଦାରେ ହେଉ କି ଓଟିଟି ଫର୍ମାଟରେ ବିକ୍ରି କରିବାକୁ ପସନ୍ଦ କରୁଛନ୍ତି । ଯାହା ଏବେ ସମସ୍ତଙ୍କୁ ସୁହାଉଛି ୟ ମାତ୍ର ଭୁଲି ଯାଉଛନ୍ତି କି ବଡ଼ ପରଦା ବୋଲି ଗୋଟିଏ ଅଛି ।

କରୋନା ପରେ ଯଦି ଦେଖିବା ଅନ୍ୟ ଆଞ୍ଚଳିକ ଫିଲ୍ମ ଗୁଡ଼ିକ ଆ।ମ ରାଜ୍ୟରେ ବେଶ ଭଲ ରୋଜଗାର କରି ଯାଇଛନ୍ତି । କିନ୍ତୁ ଆ।ମେ ସେହି ପରଦା ସେହି ଦର୍ଶକ ହେଲେ ପସନ୍ଦର ଖୋରାକ ଯୋଗାଇବା ଲାଗି ସମର୍ଥ ହୋଇପାରୁନାହାନ୍ତି । ଯାହା ଏବେ ବେଶି ଚିନ୍ତା ପାଲଟିଛି । ଗତ କିଛି ଦିନ ତଳେ ୬୮ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ୨୦୨୦ଘୋଷଣା କରାଯାଇଛି । ମାତ୍ର ଏଥିରେ ଆ।ମ ଓଡ଼ିଆ। ସିନେମାର ନାଁ ନାହିଁ । ଯାହାକୁ ନେଇ ଆ।ମେ ଦୁଃଖ କରିବା ନା ବିବାଦ ଭିତରେ ଅଭିଯୋଗର ଲମ୍ବା ଫର୍ଦ୍ଦ ନେଇ ପୁଣି ଆ।ଗକୁ ମାଡ଼ି ଚଲିବା ।

ଏହି ତମାମ ବିଷୟ ଲେଖିବା ପୂର୍ବରୁ ଜାଣିବାକୁ ପାଇଲି କି ଆ।ମ ଫିଲ୍ମ ମଧ୍ୟ ଚଲିପାରିବ । ଆ।ମକୁ ତ୍ରୁଟି ସୁଧାରି ଆ।ଗକୁ ଯିବାକୁ ପଡ଼ିବ। କାହିଁକି ନା ଗତ କିଛି ଦିନ ତଳେ ଏକ ଫିଲ୍ମ ହଲ୍ ନିକଟରେ ଜଣେ ବନ୍ଧୁ ଦେଖାହେଲେ, ମୁଁ ପଚାରିଲି ଏଠି କ'ଣ। ସେ କହିଲେ ଫିଲ୍ମ ଦେଖିବାକୁ ଆ।ସିଛି । ମୁଁ କହିଲି ମାତ୍ର ଏତେବେଳୁ ସମୟ ତ ଆ।ହୁରି ୧.୧୫ମିନଟ ବାକି ଅଛି । ସେ କହିଲେ ଚଳିବ ଫିଲ୍ମର ଟିକେଟ ବି ମିଳିବା ଦରକାର। ମୋ ମନରେ ଏଭଳି ଉତ୍ତର ଆ।ନ୍ଦୋଳିତ କରିଥିଲା। ଏପରି ବି ନଜିର ଆ।ସିଥିଲା ପୂର୍ବରୁ ଗତ କିଛି ମାସ ହେବ ରାଜ୍ୟରେ ଅନ୍ୟ ଆଞ୍ଚଳିକ ଫିଲ୍ମ ପଡ଼ିଥିବାବେଳେ ଦର୍ଶକମାନଙ୍କ ଉତ୍ସୁକତା ଦେଖି ୨୪ଘଣ୍ଟା ଖୋଲା ରହିଥିଲା ଫିଲ୍ମ ହଲ। ତେବେ ମନରେ ପ୍ରଶ୍ନ ଉଠୁଛି ଆମ ମାଟିର ମହକୁ ଥିବା କାହାଣୀକୁ ନେଇ ପ୍ରସ୍ତୁତ ହୋଇଥିବା ଫିଲ୍ମ ଦେଖିବା ଲାଗି ଆଉ କେତ ଦିନ ଅପେକ୍ଷା କରିବେ ଓଡ଼ିଅ। ସିନେପ୍ରେମୀ।

ମୋ.୮୯୦୮୮୩୪୭୩୪

ହେଳା, ଭେଳା, ଅବହେଳା

॥ ଶ୍ୟାମ ସୁନ୍ଦର ସାମଲ ॥

ହେଳାରୁ ବା ଭେଳା ବୁଢ଼େ ବୋଲି ଏକ ଲୋକକଥା ଅଛି। ହେଲେ ଅବହେଳା ଆଉ ଏକ ଅକ୍ଷମଣୀୟ ଗୁରୁତ୍ୱପୂର୍ଣ୍ଣ ଦିଗ। ଅବହେଳା ମଣିଷର ଚରିତ୍ର ଦୃଷ୍ଟିକୋଣରୁ ହୋଇପାରେ, ଆଦର୍ଶ, ବୃତ୍ତିଗତ, ଚିନ୍ତନ, ଆଧ୍ୟାତ୍ମିକ, ଆର୍ଥିକ ବି ହୋଇପାରେ। ତେବେ ଅବହେଳା ଗୁରୁତର ହେଲେ ଏହା ମାନବୀୟ ଜୀବନରେ ବଡ଼ ଦୁଃଖର ଓ ଅବଶୋଷର କାରଣ ପାଲଟେ। କିଛିଦିନ ତଳେ ଗଣମାଧ୍ୟମରେ କାର୍ଯ୍ୟ କରୁଥିବା ଅନୁଜ ପ୍ରତୀମ ଶ୍ରଦ୍ଧେୟ ସୁଶାନ୍ତକୁ ନେଇ ତାର ଚକ୍ଷୁ ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ଅସୁବିଧା ପାଇଁ ଓଡ଼ିଶାର ବିଶିଷ୍ଟ ଯୁବ ଚକ୍ଷୁ ରୋଗ ବିଶେଷଜ୍ଞ ଡାକ୍ତର ଅନୁରାଗ ମିଶ୍ରଙ୍କ ପାଖକୁ ନେଇଥିଲି। ଅନୁରାଗ ମିଶ୍ର କଟକ କାଠଯୋଡ଼ି ରିଙ୍ଗରୋଡ଼ ରାଧାରମଣ ଚକ୍ଷୁ ହସ୍ପିଟାଲ ଓ ରିସର୍ଚ୍ଚ ଇନଷ୍ଟିଚ୍ୟୁଟରେ ରୋଗୀ ସେବା କରୁଛନ୍ତି।

ଅନୁଜ ସୁଶାନ୍ତର ପରିଚୟ ଗଣମାଧ୍ୟମରେ ପରିଚିତି ଓ କାର୍ଯ୍ୟ ଦକ୍ଷତା ଶୁଣିବା ପରେ ସେ ବଡ଼ ବିଶାଦ ଭରା କଣ୍ଠରେ କହିଲେ ଆମେ ଅବହେଳା ସମ୍ପର୍କରେ ବିଭିନ୍ନ କଥା ଶୁଣୁଛୁ। ପ୍ରଶାସନର ଅବହେଳା, ଡାକ୍ତରର ଅବହେଳା, ପୋଲିସର ଅବହେଳା, ଅଭିଭାବକଙ୍କ ଅବହେଳା ସବୁଠି ଅବହେଳାର ଚିତ୍ର ଓ ଚରିତ୍ର ଛତୁ ଫୁଟୁଥିବାବେଳେ ଜଣେ ଅନୁଭବୀ, କାର୍ଯ୍ୟଦକ୍ଷ ଓ ଲୋକପ୍ରିୟ ଯୁବ ବ୍ୟକ୍ତିତ୍ୱ ହୋଇ ବି ଶରୀରର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଚକ୍ଷୁର ଅବହେଳାକୁ ନେଇ ସେ ଦିନ ଅନୁରାଗ ବାବୁ ବହୁତ ଦୁଃଖିତ ହୋଇପଡ଼ିଲେ। ଓଡ଼ିଶାର ସମସ୍ତ ଛପା ଗଣମାଧ୍ୟମରେ କାର୍ଯ୍ୟ କରୁଥିବା ଏପରି ଜଣେ ଯୁବ ବ୍ୟକ୍ତିତ୍ୱ ଯିଏ କି ତାଙ୍କ ଘରୋଇ ପାଠାଗାରରେ ଅଧକୋଟି ଟଙ୍କାର ଦୁର୍ଲ୍ଲଭ, ଉପାଦେୟ ଓ ମୂଲ୍ୟବାନ ପୁସ୍ତକ ରଖିଛନ୍ତି। ଏହା ସହ ପ୍ରତିଦିନ ଓଡ଼ିଶାର ସମସ୍ତ ଛପା ଖବରକାଗଜ କିଣନ୍ତି ଓ ପଢ଼ନ୍ତି କିନ୍ତୁ ଦୀର୍ଘ ଦିନ ଧରି ଚକ୍ଷୁ ସମସ୍ୟା ଅନୁଭବ କରି ତାଙ୍କର ଅନେକ ପରିଚିତ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ବନ୍ଧୁଥାଇ ମଧ୍ୟ ସେ ନିଜ ଚକ୍ଷୁ ପରୀକ୍ଷା ନକରି ତାର ସହାୟକ ଶ୍ରଦ୍ଧେୟ ଶ୍ରୀକାନ୍ତ ଠାରୁ ପାଇଥିବା ଏକ ଲେନ୍ସରେ ସେ ଲେଖାପଢ଼ା କରୁଛନ୍ତି।

ଲେନ୍ସରେ ଦୀର୍ଘ ଦିନ ଧରି ପଢ଼ାପଢ଼ି କରିବା ଆଖିକୁ ପ୍ରତିକୂଳ ସ୍ୱାସ୍ଥ୍ୟ ସମସ୍ୟା ଭିତରକୁ ଠେଲି ଦେବା ସହ ଦୃଷ୍ଟିଶକ୍ତି ମଧ୍ୟ କମାଇ ଦେଇଛି। ଯାହାଫଳରେ ସୁଶାନ୍ତ ପ୍ରଥମ ଥର ପାଇଁ ଚଷମା ବ୍ୟବହାର କରିବା ପାଇଁ ବାଧ ହେଲା। ଅନୁରାଗ ବାବୁଙ୍କ ଯନ୍ତ୍ରଣାସିକ୍ତ କଥାଟି ଥିଲା ଯେ ଆମ ଗହଣରେ ଏପରି ଅନେକ ବ୍ୟକ୍ତିତ୍ୱ ରହିଛନ୍ତି ଯେଉଁମାନେ ଅତ୍ୟନ୍ତ ଗୁଣୀ ଜ୍ଞାନୀ ଓ ସଚେତନ ମଧ୍ୟ ଏହା ସହ ଆର୍ଥିକ କ୍ଷେତ୍ରରେ ସେମାନେ ମଧ୍ୟ ସ୍ୱଚ୍ଛଳ। କିନ୍ତୁ ସାମାନ୍ୟ ଅବହେଳା ପାଇଁ ସେମାନେ ନିଜର ମୂଲ୍ୟବାନ ସମୟ ଓ ସମ୍ପତ୍ତିକୁ ଏକ ପ୍ରକାର ନଷ୍ଟ କରିଦେଇଥାନ୍ତି।

ଚକ୍ଷୁ ଆମ ଶରୀର ସ୍ୱାସ୍ଥ୍ୟର ଅମୂଲ୍ୟ ଓ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସମ୍ପତ୍ତି। ତେବେ ଏ ଅବହେଳା କ'ଣ ପାଇଁ ହେଲା? ବ୍ୟସ୍ତତା, ଭାବପ୍ରବଣତା ନାଁ ଆଉ କିଛି? ସୁଶାନ୍ତର ବୟସ ସେତେ ବେଶି ନୁହେଁ। ଜଣେ ଯୁବ ଓ କର୍ମଦକ୍ଷ ସାମ୍ବାଦିକ ଭାବେ ସେ ସୁପରିଚିତ। ବଡ଼କଥା ହେଉଛି ସ୍ୱାସ୍ଥ୍ୟ ବିଭାଗର ପ୍ରତିଟି ବିଭାଗରେ ଓଡ଼ିଶାରେ ବେଶ ନାଁ କମାଇଥିବା ପ୍ରଫେସର ଓ ଡାକ୍ତରମାନେ ତାର ଅତ୍ୟନ୍ତ ଘନିଷ୍ଠ ବନ୍ଧୁ। ତା ସତ୍ତ୍ୱେ ସେ ଏତେ ଅବହେଳା କରି ନିଜର ଯେଉଁ କ୍ଷତି କରିଦେଲା ତାହା ମୋତେ ଅତ୍ୟନ୍ତ ଦୁଃଖିତ କରିଦେଲା। ଡାକ୍ତର ଅନୁରାଗ ବାବୁଙ୍କ ବାପା ସ୍ୱର୍ଗତଃ ପ୍ରଫେସର ଡାକ୍ତର ବ୍ରଜ ସୁନ୍ଦର ମିଶ୍ର ଓଡ଼ିଶାରେ ଜଣେ କେବଳ ଓଡ଼ିଶାରେ ନୁହେଁ ସମଗ୍ର ଭାରତରେ ପ୍ରଥିତଯଶା ଚକ୍ଷୁ ରୋଗ ବିଶେଷଜ୍ଞ।

୧୯୮୦-୯୦ ମସିହା ଭିତରେ ତତ୍କାଳୀନ ସମୟରେ ଓଡ଼ିଶାର ଶ୍ରୀସତ୍ୟସାଇ ସେବା ସଙ୍ଗଠନର ଗ୍ରାମାଞ୍ଚଳରେ ଯେତେ ସବୁ ମାଗଣା ମୋତିଆ ବିନ୍ଦୁ ଅସ୍ତ୍ରୋପଚାର ଶିବିର ହେଉଥିଲା ତାହାର ଅନ୍ୟତମ ପୁରୋଧା ଥିଲେ ଡାକ୍ତର ବ୍ରଜ ସୁନ୍ଦର ମିଶ୍ର। ଓଡ଼ିଶାର ଅଗମ୍ୟ ଗ୍ରାମାଞ୍ଚଳକୁ ନିଃସ୍ୱାର୍ଥପର ଭାବରେ ଅନେକ କ୍ଷେତ୍ରରେ ନିଜେ ହାତରୁ ପଇସା ଖର୍ଚ୍ଚ କରି ଗରିବ ଲୋକମାନଙ୍କ ମାଗଣା ମୋତିଆ ବିନ୍ଦୁ ଅସ୍ତ୍ରୋପଚାର କରୁଥିଲେ। ତାଙ୍କ ପରଲୋକ ସମୟରେ ଓଡ଼ିଶାର ବିଶିଷ୍ଟ ଇଏନଟି ବିଶେଷଜ୍ଞ ପ୍ରଫେସର ଡାକ୍ତର ଦୟାନିଧି ଦାସ ଏହି ସୁଶାନ୍ତ ମାଧ୍ୟମରେ ଓଡ଼ିଶାର ସମସ୍ତ ଗଣମାଧ୍ୟମରେ ଖବର ଓ ଲେଖା ପ୍ରକାଶ କରାଇଥିଲା। ସେତେବେଳେ ଡାକ୍ତର ଅନୁରାଗ ମିଶ୍ରଙ୍କ ସଂସ୍ପର୍ଶରେ ସେ ଆସିନଥିଲେ। ରାଧାରମଣ ଚକ୍ଷୁ ହସ୍ପିଟାଲ ଓଡ଼ିଶାର ଏକ ପ୍ରମୁଖ ଚକ୍ଷୁ ରୋଗ ଗବେଷଣା ଓ ସେବା ପ୍ରତିଷ୍ଠାନ। ଅସହାୟ, ଗରିବ ଲୋକମାନଙ୍କ ପାଇଁ କିଛି ସ୍ୱତନ୍ତ୍ର ସେବା ବ୍ୟବସ୍ଥା ମଧ୍ୟ ରହିଛି। ଏଠାରେ କାର୍ଯ୍ୟରତ ଉତ୍ସର୍ଗୀକୃତ ସେବା ମନୋଭା

ଖେଳପଡିଆ ସ୍ଥାନାନ୍ତରଣ ପ୍ରତିବାଦରେ ବୁଧବାର ଦିନ କଲମପୁର ଠାରେ ୧୨ ଘଣ୍ଟିଆ ବନ୍ଦ

ଧର୍ମଗଡ଼, (ମହାଭାରତ): କ୍ରୀଡ଼ା ଭିତ୍ତିଭୂମିର ବିକାଶ ଓ ଯୁବପିଢ଼ିଙ୍କ କ୍ରୀଡ଼ା ପ୍ରତିଭାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ କଳାହାଣ୍ଡି ଜିଲ୍ଲାର କଲମପୁର ବ୍ଲକରେ ଏକ ବ୍ଲକ ସ୍ତରୀୟ ଷ୍ଟାଡିୟମ୍ ନିର୍ମାଣ ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ମଞ୍ଜୁରୀ ମିଳିଛି । ଇନଡୋର ହଲ୍ ସହ ଏହି ଷ୍ଟାଡିୟମ୍ ନିର୍ମାଣ ପାଇଁ ୧୫ କୋଟି ୭୮ ଲକ୍ଷ ୦୯ ହଜାର ୪୪୪ ଟଙ୍କା ବ୍ୟୟ ଅଟକଳ ରଖାଯାଇଛି । ଗ୍ରାମୀଣ କାର୍ଯ୍ୟ ବିଭାଗର ମୁଖ୍ୟ ଯନ୍ତ୍ରୀଙ୍କ ପତ୍ର ସଂଖ୍ୟା ୩୨୪୩୫, ତାରିଖ ୦୯.୦୯.୨୦୨୬ ଅନୁଯାୟୀ ଏହି ନିର୍ମାଣ କାର୍ଯ୍ୟ ସମ୍ପର୍କରେ ଜଣାଯାଇଛି । କିନ୍ତୁ ପ୍ରସ୍ତାବିତ ଷ୍ଟାଡିୟମ୍ ?ର ସ୍ଥାନ ପରିବର୍ତ୍ତନ ଯୋଜନାକୁ ନେଇ ଏବେ ତୀବ୍ର ହୋଇଛି ଜନ ଅସନ୍ତୋଷ । ନିଜ ଅଞ୍ଚଳର ହକ୍ ପାଇଁ ରାଜରାସ୍ତାକୁ ଓହ୍ଲାଇଛନ୍ତି କ୍ରୀଡ଼ାପ୍ରେମୀ ଯୁବ ସମାଜ ଓ ଛାତ୍ରଛାତ୍ରୀ । ସୂଚନା ଅନୁଯାୟୀ, କଲମପୁର ବ୍ଲକରେ ଇନଡୋର ହଲ୍ ସହ ଏକ ଅତ୍ୟାଧୁନିକ ବ୍ଲକ ସ୍ତରୀୟ ଷ୍ଟାଡିୟମ୍ ନିର୍ମାଣ ପାଇଁ ୧୫,୭୮,୦୯,୪୪୪ ଟଙ୍କାର



ଅର୍ଥରାଶି ମଞ୍ଜୁର ହୋଇଥିବା ବେଳେ ଏହାକୁ କଲମପୁର ମୌଜାରେ ନିର୍ମାଣ ନକରି ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଯୋଜନା ଚାଲିଥିବା ଚର୍ଚ୍ଚା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଏହାର ପ୍ରତିବାଦରେ କଲମପୁର କ୍ରୀଡ଼ାପ୍ରେମୀ ଯୁବ ସମାଜ ଓ କଲେଜ ଛାତ୍ରଛାତ୍ରୀମାନେ ଗତ ୧୦ ତାରିଖରେ ଧର୍ମଗଡ଼ ଉପଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ କଲମପୁର ବିଡିଓ ଏବଂ ତହସିଲଦାରଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଥିଲେ । ସାତ ଦିନ ମଧ୍ୟରେ କଲମପୁର ମୌଜାରେ ଷ୍ଟାଡିୟମ୍ ନିର୍ମାଣ ସମ୍ପର୍କରେ ନିଷ୍ପତ୍ତି ନ ହେଲେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଥିଲେ । ମାତ୍ର ଧାର୍ଯ୍ୟ ସମୟସୀମା ଅତିକ୍ରମ କରିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ଠୋସ୍ ପଦକ୍ଷେପ ନିଆଯାଇନଥିବା ଅଭିଯୋଗ କରି ଆଜି କଲମପୁରଅଂଚଳର କ୍ରୀଡ଼ାପ୍ରେମୀ ଯୁବ ସମାଜ ଓ ଛାତ୍ରଛାତ୍ରୀମାନେ ୧୨ ଘଣ୍ଟିଆ କଲମପୁର ବନ୍ଦ ଡାକରା ଦେଇଛନ୍ତି । ବନ୍ଦ ପ୍ରଭାବରେ ସମସ୍ତ ଦୋକାନ ବଜାର, ସରକାରୀ କାର୍ଯ୍ୟାଳୟ ବନ୍ଦ ରହିବା ସହ ଯାନବାହନ ଚଳାଚଳ ପ୍ରଭାବିତ ହୋଇଛି । କ୍ରୀଡ଼ାପ୍ରେମୀ ମାନଙ୍କ ଏହି ଦାବିକୁ ସମର୍ଥନ ଜଣାଇ ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ ଆନ୍ଦୋଳନ ସ୍ଥଳରେ ଉପସ୍ଥିତ ରହି କଲମପୁର କିମ୍ବା ୨ରୁ ୩ କି.ମି. ଭିତରେ ଷ୍ଟାଡିୟମ ନିର୍ମାଣ ହେଲେ ଖେଳାଳୀ ମାନେ ଅଭ୍ୟାସକରି ସେମାନଙ୍କ ଖେଳ ପ୍ରଦର୍ଶନ କରିପାରିବେ, ତେଣୁ ଷ୍ଟାଡିୟମ କଲମପୁର ମୁଖ୍ୟାଳୟ କିମ୍ବା ନିକଟବର୍ତ୍ତୀ ସ୍ଥାନରେ କରାଯାଉ ବୋଲି ଦାବି କରିଥିଲେ । ସେଭଳି ଜିଲ୍ଲା ପରିଷଦ ସଭ୍ୟା ନିବେଦିତା ହଂସ, ସାଂସଦ ପ୍ରତିନିଧି ଅରୁଣ ଜଗରିଆ, ପୂର୍ବତନ ବ୍ଲକ ଅଧକ୍ଷ ବିପିନ ପ୍ରଧାନୀ ପ୍ରମୁଖ ଏହି ଆନ୍ଦୋଳନକୁ ସମର୍ଥନ ଜଣାଇ ଆନ୍ଦୋଳନ ସ୍ଥଳରେ ଉପସ୍ଥିତ ରହିଥିଲେ । କଲମପୁର ବିଡ଼ିଓ ବିଜୟ କୁମାର ମାଣ୍ଡାଙ୍ଗି ଏବଂ ତହସିଲଦାର ସ୍ମରଣିକା ତୁଲ ଆନ୍ଦୋଳନକାରୀ ମାନଙ୍କ ସହ ଆଲୋଚନା କରିଥିଲେ ମଧ୍ୟ କୌଣସି ସମାଧାନ ବାହାରି ପାରିନାହିଁ । ସନାତନ ପାଣ୍ଡେ, ରବୀନ୍ଦ୍ର ନାଏକ ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇଛନ୍ତି । କଲମପୁର ମୌଜାରେ ହିଁ ଷ୍ଟାଡିୟମ୍ ନିର୍ମାଣ ହେଉ ବୋଲି ଆନ୍ଦୋଳନକାରୀମାନେ ଅଡ଼ି ବସିଥିବା ବେଳେ ଏବେ ସମସ୍ତଙ୍କ ନଜର ପ୍ରଶାସନର ପରବର୍ତ୍ତୀ ପଦକ୍ଷେପ ଉପରେ ରହିଛି ।

ମହିଳା କଲ୍ୟାଣ ଟ୍ରଷ୍ଟ ପକ୍ଷରୁ ମନ୍ଦିର ପରିସର ସଫେଇ



ପାରାଦୀପ, (ମହାଭାରତ): ପାରାଦୀପର ଅଗ୍ରଣୀ ମହିଳା ସଙ୍ଗଠନ ମହିଳା କଲ୍ୟାଣ ଟ୍ରଷ୍ଟ ପକ୍ଷରୁ ଏକ ସଫେଇ କାର୍ଯ୍ୟକ୍ରମ ପବିତ୍ର ଅଁଳା ନବମୀ ଅବସରରେ ଅନୁଷ୍ଠିତ ହୋଇଯାଇଛି । ମହିଳା କଲ୍ୟାଣ ଟ୍ରଷ୍ଟର ସଭାନେତ୍ରୀ ଉର୍ମିଳା ମହାନ୍ତିଙ୍କ ନେତୃତ୍ୱରେ ସଦସ୍ୟାମାନେ ବୁଧବାର ଦିନ ସକାଳେ ପାରାଦୀପ ବଡପଡିଆସ୍ଥିତ ମାଆ ଶାରଳାଙ୍କ ମନ୍ଦିର ପରିସରକୁ ସଫେଇ କରାଯାଇଥିଲା । ଟ୍ରଷ୍ଟର ଉପଦେଷ୍ଟା ପ୍ରେମଲତା ବାରିକ, କୋଷାଧକ୍ଷା ସୁଚରିତା ପଣ୍ଡା, ସଦସ୍ୟା ପୁଷ୍ପାଂଜଳୀ ମିଶ୍ର, ଲିପିକା ସାହୁ, ଅନ୍ନପୂର୍ଣ୍ଣା ନାୟକ, ସୁଚିତ୍ରା ପଣ୍ଡା ପ୍ରମୁଖ ଏହି ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ମନ୍ଦିର ପରିଚାଳନା କମିଟିର ସଦସ୍ୟ କୃଷ୍ଣଚନ୍ଦ୍ର ସ୍ୱାଇଁ, ଆଇନଜୀବୀ ସଂଜୟ କୁମାର ମିଶ୍ର, ଜଟାଧାରୀ, ପୁଷ୍ପିଆ ପ୍ରମୁଖ ମହିଳା କଲ୍ୟାଣ ଟ୍ରଷ୍ଟର ସଦସ୍ୟାମାନଙ୍କୁ ସହଯୋଗ କରିଥିଲେ । ଟ୍ରଷ୍ଟର ଏହି କାର୍ଯ୍ୟକୁ ମନ୍ଦିର ପରିଚାଳନା କମିଟିର ସଭାପତି ଅମରେଶ ରାଉତ, ସଂପାଦକ ସରୋଜ କୁମାର ନାଥ ପ୍ରମୁଖ ଅଭିନନ୍ଦନ ଜଣାଇଥିଲେ । ପୂର୍ବରୁ ମହିଳା କଲ୍ୟାଣ ଟ୍ରଷ୍ଟ ପକ୍ଷରୁ ମଧୁବନସ୍ଥିତ ଜଗନ୍ନାଥ ମନ୍ଦିର ପରିସର ସଫେଇ କରାଯାଇଥିଲା ।

ସାତପଡ଼ାରେ ଖବର ସଂଗ୍ରହ ବେଳେ ସାମ୍ବାଦିକଙ୍କୁ ଆକ୍ରମଣ !



କୃଷ୍ଣପ୍ରସାଦ, (ମହାଭାରତ) : ସାତପଡ଼ା ପର୍ଯ୍ୟଟନ ଋତୁ ଆରମ୍ଭରୁ ଚିଲିକାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ସାତପଡ଼ାରେ ପର୍ଯ୍ୟଟକଙ୍କ ସୁରକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଦେଖିବାକୁ ମିଳିଛି । ସରକାରୀ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରି ବିନା ଲାଇଫ୍ ଜ୍ୟାକେଟ୍‌ରେ ପର୍ଯ୍ୟଟକଙ୍କୁ ଚିଲିକା ବୁଲାଯାଉଥିବା ବେଳେ, ଏନେଇ ପ୍ରଶ୍ନ ଉଠାଇବାରୁ କାର୍ଯ୍ୟରତ ସାମ୍ବାଦିକଙ୍କୁ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି । ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି ।ସୂଚନା ଅନୁଯାୟୀ, ପ୍ରତିଦିନ ଶହ ଶହ ପର୍ଯ୍ୟଟକ ଡଲଫିନ୍ ଦେଖିବା ପାଇଁ ସାତପଡ଼ା ଘାଟରୁ ମୋଟର ବୋଟ୍ ଯୋଗେ ଚିଲିକା ଭିତରକୁ ଯାଉଛନ୍ତି । ନିୟମ ଅନୁଯାୟୀ ପ୍ରତ୍ୟେକ ଯାତ୍ରୀଙ୍କୁ ଲାଇଫ୍ ଜ୍ୟାକେଟ୍ ପିନ୍ଧାଇବା ବାଧତାମୂଳକ ହୋଇଥିଲେ ମଧ୍ୟ, କେତେକ ବୋଟ୍ ଚାଳକ ଓ ମାଲିକ ଅତ୍ୟଧିକ ଲାଭ ଆଶାରେ ପର୍ଯ୍ୟଟକଙ୍କ ଜୀବନ ସହ ଖେଳ ଖେଳୁଛନ୍ତି । ବିନା ଲାଇଫ୍ ଜ୍ୟାକେଟ୍ ?ରେ କ୍ଷମତାଠାରୁ ଅଧିକ ଯାତ୍ରୀଙ୍କୁ ନେଇ ଡଙ୍ଗା ଚଳାଚଳ କରୁଛି ଏହି ଅବ୍ୟବସ୍ଥାର ଚିତ୍ର ଉତ୍ତୋଳନ କରିବା ସହ ସୁରକ୍ଷା ନେଇ ବୋଟ୍ ଚାଳକ ଓ ସ୍ଥାନୀୟ ପରିଚାଳନା କମିଟିକୁ ପ୍ରଶ୍ନ କରିବାରୁ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା । କେତେକ ଅସାଧୁ ବୋଟ୍ କର୍ମଚାରୀ ଉତ୍ତ୍ୟକ୍ତ ହୋଇ ସମ୍ପୃକ୍ତ ସାମ୍ବାଦିକଙ୍କୁ ଦୁର୍ବ୍ୟବହାର କରିବା ସହ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି ।ଚିଲିକାରେ ପୂର୍ବରୁ ଅନେକ ଥର ଡଙ୍ଗାବୁଡ଼ି ଭଳି ଦୁଃଖଦ ଘଟଣା ଘଟି ଧନଜୀବନ ହାନି ହୋଇଥିବା ନଜର ରହିଛି । ଏହା ସତ୍ତ୍ୱେ ପ୍ରଶାସନ ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ସିଡିଏ ପକ୍ଷରୁ କୌଣସି କଡ଼ା ପଦକ୍ଷେପ ନିଆଯାଉ ନଥିବାରୁ ପର୍ଯ୍ୟଟକଙ୍କ ସୁରକ୍ଷା ଏବେ ବିପଦରେ ପଡ଼ିଛି । ଅନ୍ୟପଟେ ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ ହୋଇଥିବା ଆକ୍ରମଣକୁ ବିଭିନ୍ନ ସାମ୍ବାଦିକ ସଂଘ ପକ୍ଷରୁ ଦୃଢ଼ ନିନ୍ଦା କରାଯିବା ସହ ଅଭିଯୁକ୍ତଙ୍କ ବିରୋଧରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି ।

ବାତ୍ୟା ଅକ୍ୱାନ ପ୍ରଭାବରେ ପାରାଦୀପରେ ଲଗାଣ ବର୍ଷା- ସ୍କୁଲ, କଲେଜ ବନ୍ଦ ଘୋଷଣା କଲା ଜିଲ୍ଲା ପ୍ରଶାସନ

ପାରାଦୀପ, (ମହାଭାରତ): ବାତ୍ୟା ଅକ୍ୱାନର ପ୍ରଭାବ ବୁଧବାର ଦିନ ପାରାଦୀପରେ ଦେଖିବାକୁ ମିଳିଛି । ବୁଧବାର ଦିନ ସକାଳୁ ପାରାଦୀପ ସହରରେ ବର୍ଷା ଲାଗି ରହିଥିଲା । ଅପରାହ୍ନରୁ ସଂନ୍ଧ୍ୟା ପର୍ଯ୍ୟନ୍ତ ଭାରି ହୋରରେ ବର୍ଷା ହୋଇଥିବା ଦେଖିବାକୁ ମିଳିଛି । ବାତ୍ୟାକୁ ଦୃଷ୍ଟିରେ ରଖି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାର ସମସ୍ତ ସ୍କୁଲ, କଲେଜ, ଅଙ୍ଗନବାଡି କେନ୍ଦ୍ରକୁ ୧୯ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ଜିଲ୍ଲାପାଳ ଜେ. ସୋନାଲ ଚିଠି ମାଧ୍ୟମରେ ସୂଚନା ଦେଇଛନ୍ତି । ଫଳରେ ଜିଲ୍ଲାର ସମସ୍ତ ସ୍କୁଲ, କଲେଜ, ଅଙ୍ଗନବାଡି କେନ୍ଦ୍ରକ ଏହି ତିନି ଦିନ ଧରି ବନ୍ଦ ରହିବ । ଏଥି ସହିତ ବାତ୍ୟାକୁ ଦୃଷ୍ଟିରେ ରଖି ସମୁଦ୍ର ଅଶାନ୍ତ ରହୁଥିବାରୁ ସମୁଦ୍ରକୁ ମାଛ ଧରିବାକୁ ମତ୍ସ୍ୟଜୀବୀମାନଙ୍କୁ ରାଜ୍ୟ ସରକାରଙ୍କ ମତ୍ସ୍ୟ ବିଭାଗ ପକ୍ଷରୁ ବାରଣ କରାଯାଇଛି ।



ଖଲିପଥର ପିଏଚସିର ସ୍ୱାସ୍ଥ୍ୟସେବାକୁ ନେଇ ଅସନ୍ତୋଷ, ସମସ୍ୟା ସମାଧାନ ଦାବିରେ ସିଡିଏମଓଙ୍କୁ ଅଭିଯୋଗପତ୍ର

ପାଟଣାଗଡ (ମହାଭାରତ): ବଲାଙ୍ଗୀର ଜିଲ୍ଲା ବେଲପଡା ବ୍ଲକ ଅନ୍ତର୍ଗତ ଖଲିପଥର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବାର ବିଭିନ୍ନ ସମସ୍ୟାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ସ୍ଥାନୀୟ ଲୋକଙ୍କୁ ଉନ୍ନତ ଓ ନିୟମିତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଦାବିରେ ଗ୍ରାମବାସୀଙ୍କ ପକ୍ଷରୁ ବଲାଙ୍ଗୀର ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ନିକଟରେ ଏକ ଲିଖିତ ଅଭିଯୋଗପତ୍ର ଦାଖଲ କରାଯାଇଛି । ଅଭିଯୋଗପତ୍ରରେ ଖଲିପଥର ଚଐଉରେ ନିୟମିତ ସ୍ୱାସ୍ଥ୍ୟସେବା, ଆବଶ୍ୟକୀୟ ଚିକିତ୍ସା ଉପକରଣ, ଔଷଧ ଯୋଗାଣ ଓ ସ୍ୱାସ୍ଥ୍ୟକର୍ମୀଙ୍କ ଉପଲବ୍ଧତା ଭଳି ବିଭିନ୍ନ ସମସ୍ୟା ଉଲ୍ଲେଖ କରାଯାଇଛି । ସେହିପରି ଜରୁରୀକାଳୀନ ଚିକିତ୍ସା ବ୍ୟବସ୍ଥା, ଶିଶୁଙ୍କ ଟିକା ସଂରକ୍ଷଣ ପାଇଁ ଆବଶ୍ୟକ ରେଫ୍ରିଜରେଟର, ପରୀକ୍ଷାଗାର ସୁବିଧା, ପର୍ଯ୍ୟାପ୍ତ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ଏବଂ ପିଏଚସି ସୁପରିଚାଳନା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି । ଗ୍ରାମାଞ୍ଚଳର ଲୋକମାନେ ସାଧାରଣ ଚିକିତ୍ସା ପାଇଁ ଦୂରଦୂରାନ୍ତକୁ ଯିବାକୁ ବାଧ ନହୋଇ ନିଜ ଅଞ୍ଚଳରେ ଉପଯୁକ୍ତ ଚିକିତ୍ସା ପାଇପାରିବେ, ସେଥିପାଇଁ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ମୌଳିକ ସୁବିଧା ସୁନିଶ୍ଚିତ କରିବାକୁ ଦାବି ହୋଇଛି । ଅଭିଯୋଗପତ୍ରରେ ୭ ଦିନ ମଧ୍ୟରେ ସମସ୍ୟାଗୁଡ଼ିକର ସମାଧାନ ପାଇଁ ଠୋସ୍ ପଦକ୍ଷେପ ନେବା ସହ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ଲିଖିତ ଭାବେ ଅବଗତ କରିବାକୁ ମଧ୍ୟ ଦାବି କରାଯାଇଛି । ଉକ୍ତ ଅଭିଯୋଗପତ୍ରଟି ୧୭ ନଭେମ୍ବର ୨୦୨୬ ତାରିଖରେ ବଲାଙ୍ଗୀର ସିଡିଏମଓଙ୍କ କାର୍ଯ୍ୟାଳୟରେ ଗ୍ରହଣ କରାଯାଇଥିବା ରସିଦରୁ ଜଣାପଡ଼ିଛି । ଏବେ ସ୍ୱାସ୍ଥ୍ୟ ବିଭାଗ ଏହି ଅଭିଯୋଗ ଉପରେ କି ପଦକ୍ଷେପ ଗ୍ରହଣ କରୁଛି, ତାହାକୁ ଅଞ୍ଚଳବାସୀ ଅପେକ୍ଷା କରିଛନ୍ତି ।



ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ୨୦୨୬ ଅନୁଷ୍ଠିତ



କନ୍ଧମାଳ, (ମହାଭାରତ): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପ୍ରକାରେ ସାଧାରଣ ଲୋକଙ୍କୁ ସ୍ୱାବଲମ୍ବୀ କରିବା ନେଇ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଛି । ପଶୁ ପାଳନ ଓ ମତ୍ସ୍ୟ ସମ୍ପଦ ଉପରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରି ସରକାରଙ୍କ ଯୋଜନା ଭୁକ୍ତ ହୋଇ ଲାଭ ଉଠେଇବା ପାଇଁ କନ୍ଧମାଳ ଜିଲ୍ଲାରେ ପ୍ରଥମେ କ. ନୂଆଗାଁ ବ୍ଲକ ରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ କନ୍ଧମାଳ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ମାନଗୋବିନ୍ଦ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ସମାଜସେବୀ ପଣ୍ଡିତ ବିଶିମାଝି, ବାଲିଗୁଡ଼ା ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ, ନୂଆଗାଁ ବ୍ଲକ ଅଧକ୍ଷା ଯୋଗ ଦେଇ ଉପସ୍ଥିତ ଚାଷୀ ମାନଙ୍କୁ ସୁନ୍ଦର ଉପଦେଶ ଦେଇଥିଲେ । ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ସରକାରଙ୍କ ବିଭିନ୍ନ ଯୋଜନା ତଥା ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା, ପ୍ରାଣୀ କଲ୍ୟାଣ ଯୋଜନା,ଜାତୀୟ ପ୍ରାଣିଧନ ମିଶନ ଉପରେ ଅବଗତ କରାଇଥିଲେ । ଏହି ମେଳାରେ ମିଶନ ଶକ୍ତି, ମିଲେଟ ମିଶନ, ଆଇସିଡ଼ିଏସ, ପ୍ରାଣୀ ବିଭାଗ ଏବଂ ବିଭିନ୍ନ ବିଭାଗ ପକ୍ଷରୁ ଷ୍ଟଲ ପ୍ରଦର୍ଶନୀ ହୋଇଥିଲା ।ସଫଳ ଚାଷୀ ମାନଙ୍କୁ ପୁରସ୍କୃତ କରିବା ସହିତ ବିଭିନ୍ନ ଯୋଜନା ରେ ଅନ୍ତର୍ଭୁକ୍ତ ହୋଇଥିବା ଚାଷୀ ମାନଙ୍କୁ ଗୋ ଆହେଡ ଲେଟର ମଧ୍ୟ ପ୍ରଦାନ କରାଯାଇଥିଲା ।

'ଅକ୍ୱାନ ବାତ୍ୟା ଓ ପ୍ରବଳ ବର୍ଷାର ମୁକାବିଲା ପାଇଁ ଜିଲ୍ଲାପାଳଙ୍କ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ



ପାରଳାଖେମୁଣ୍ଡି, (ମହାଭାରତ): ଗଜପତି ଜିଲ୍ଲାରେ ସମ୍ଭାବ୍ୟ ବାତ୍ୟା ଓ ପ୍ରବଳ ବର୍ଷାର ମୁକାବିଲା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗୁଆ ପ୍ରସ୍ତୁତି ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ଆଜି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲାଙ୍କ ଦ୍ୱାର ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସାମ୍ବାଦିକ ସମ୍ମିଳନୀ ଜରିଆରେ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି ଯେ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଥିବା ବାତ୍ୟାକୁ ନେଇ ଅବଗତ କରାଇଥିଲେ । ଜିଲ୍ଲା ନୋଡାଲ ଅଧିକାରୀ ତଥା ଅତିରିକ୍ତ ସ୍ୱତନ୍ତ୍ର ରିଲିଫ୍ କମିଶନର ପବନ କୁମାର, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ସୁଶ୍ରୀ ଭଗତ ସାମଲ କଲ୍ୟାଣ ରାଓ ଓ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ବିନାୟକ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ । ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ଆସନ୍ତା କାଲି ୧୯,୨୦ ଓ ୨୧ ତାରିଖରେ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ସମ୍ଭାବ୍ୟ ବାତ୍ୟାର ଗତିପଥ ଓ ପ୍ରଭାବ, ଝଡ଼େଡାଫାନ, ଭୂସ୍ଖଳନ ପ୍ରବଣ ଅଞ୍ଚଳର ସ୍ଥିତି, ଜଳ ନିଷ୍କାସନ ବ୍ୟବସ୍ଥା, ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ସହ ଜରୁରୀକାଳୀନ ସେବାର ପ୍ରସ୍ତୁତି ସମ୍ପର୍କରେ ବୈଠକରେ ବିସ୍ତୃତ ସମୀକ୍ଷା କରାଯାଇଥିଲା । ସେହିପରି ଜିଲ୍ଲାର ସମସ୍ତ ବ୍ଲକ୍ ରେ ଜିଲ୍ଲାର ବରିଷ୍ଠ ଅଧିକାରୀଙ୍କୁ ନୋଡାଲ ଅଫିସର ଭାବରେ ଦାୟିତ୍ୱ ଦିଆଯାଇଅଛି । ଜିଲ୍ଲା, ବ୍ଲକ୍ ଓ ତହସିଲ ସ୍ତରରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ ରଖିବା ସହ ନଭେମ୍ବର ୨୨ ତାରିଖ ପର୍ଯ୍ୟନ୍ତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ମୁଖ୍ୟାଳୟ ନଛାଡ଼ିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦିଆଯାଇଅଛି । ଆବଶ୍ୟକ ସ୍ଥଳେ ଜିଲ୍ଲାରେରେ ୧୮ ଗୋଟି ଏନ୍‌ଡିଆର୍‌ଏଫ୍, ଓଡ଼ିଆରଏଫ୍ ଓ ଅଗ୍ନିଶମ ବାହିନୀକୁ ପ୍ରସ୍ତୁତ ରୋକାଯାଇଛି । ଜିଲ୍ଲାର ସାତଟି ବ୍ଲକ୍‌ରେ ଥିବା ୫୧୮ ଗୋଟି ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳୀଗୁଡ଼ିକରେ ୨୪ ଘଣ୍ଟିଆ ବିଦ୍ୟୁତ୍ ଓ ଜେନେରେଟର ବ୍ୟବସ୍ଥା, ପାନୀୟ ଜଳ ଏବଂ ଅନ୍ୟାନ୍ୟ ମୌଳିକ ସୁବିଧା ସୁନିଶ୍ଚିତ କରିବାକୁ ସମସ୍ତ ବିଡିଓ ଓ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଭୂସ୍ଖଳନ ପ୍ରବଣ ଅଞ୍ଚଳ, ପାହାଡ଼ ତଳେ ରହୁଥିବା ପରିବାର, ତଳିଆ ଅଞ୍ଚଳ ଏବଂ ଦୁର୍ବଳ କିମ୍ବା କଚ୍ଚା ଘରେ ବସବାସ କରୁଥିବା ଲୋକଙ୍କୁ



ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା



ଜୁଆ ଆଡ୍ଡା ଉପରେ ପୋଲିସର ଅଚାନକ ଚଢ଼ାଉ; ୩ଜଣ ଗିରଫ



ପାଟଣା:-(ମହାଭାରତ) କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ଦାମାହୁଦା ହାଟ ରେ ଚାଲିଥିବା ବେଧଡକ ବେଆଇନ ଜୁଆ ଆଡ୍ଡା ଉପରେ ପାଟଣା ପୋଲିସ ଅଚାନକ ଚଢ଼ାଉ କରିଛି । ପାଟଣା ପୋଲିସ ଘଟଣାସ୍ଥଳ ରୁ ୩ ଜଣ ଜୁଆଡ଼ିଙ୍କୁ ଗିରଫ କରିବାରେ ସଫଳ ହୋଇଛି । ସୂଚନା ଅନୁଯାୟୀ, ଦାମାହୁଦା ହାଟରେ ବେଆଇନ ଭାବେ ଜୁଆ ଖେଳ ଚାଲିଥିବା ନେଇ ପାଟଣା ପୋଲିସକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା । ଖବର ପାଇବା ମାତ୍ରେ ପାଟଣା ଥାନା ପୋଲିସର ଏକ ଟିମ୍ ସେଠାରେ ଅତର୍କିତ ଭାବେ ଚଢ଼ାଉ କରିଥିଲା । ପୋଲିସକୁ ଦେଖି ଜୁଆକୀ ମାନେ ଛତ୍ରଭଙ୍ଗ ଦେବାକୁ ଚେଷ୍ଟା କରିଥିଲେ ହେଁ ପୋଲିସ ୩ ଜଣଙ୍କୁ କାବୁ କରିବା ସହ ସେମାନଙ୍କ ପାଖରୁ ୨୫ହଜାର ଟଙ୍କା ୨ଟି ଡାଲା, ୨ଟି ଗୋଟି ଜବତ ହୋଇଛି ଗିରଫ ଅଭିଯୁକ୍ତମାନେ ହେଲେ ଅଷ୍ଟଯୋଡି ଗ୍ରାମର ଅଭିମନ୍ୟୁ ଦାସ ତାଙ୍କ ପୁଅ ତୁଳସନ ଦାସ ଏବଂ ଭଗା ବିଲା ଗ୍ରାମର ରଞ୍ଜନ ନାଏକ ଏନେଇ ପାଟଣା ଥାନାରେ କେଶ ନଂ ୩୫୪/୨୬/ ରେ ଏକ ମାମଲା ରୁଜୁ ହୋଇଛି ।ଆଜି ଏମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡିଛି ।

ମା' ଓ ଦିବ୍ୟାଙ୍ଗ ଭାଇଙ୍କ ମୁହଁରେ ଦାନା ଦେବାକୁ ସାନ ପୁଅର ଦିନରାତି ସଂଘର୍ଷ !

ରାଇଘର(ମହାଭାରତ): ସ୍ୱାମୀଙ୍କ ମୃତ୍ୟୁକୁ ତିନି ବର୍ଷ ବିତିଗଲାଣି । ଜୀବନର ସବୁ ଦୁଃଖ ଓ ଯନ୍ତ୍ରଣାକୁ ଛାତିରେ ଚାପି ଦୁଇ ପୁଅଙ୍କୁ ନେଇ ବଞ୍ଚିବାର ସଂଘର୍ଷ କରୁଛନ୍ତି ମିନାବାଇ ଗଣ୍ଡ । ହେଲେ ଦୁଃଖର ବିଷୟ, ସ୍ୱାମୀଙ୍କ ମୃତ୍ୟୁର ଦୀର୍ଘ ତିନି ବର୍ଷ ପରେ ମଧ୍ୟ ତାଙ୍କୁ ମିଳିପାରିନାହିଁ ସରକାରୀ ବିଧବା ଭତ୍ତା । ସରକାରୀ ସହାୟତା ଯେଉଁଠି ତାଙ୍କ ଜୀବନରେ ଆଶାର ଆଲୋକ ହେବା କଥା, ସେଠାରେ ଅପେକ୍ଷା ଓ ଅଭାବ ଭିତରେ କଟୁଛି ତାଙ୍କ ଦିନ ।ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ କୁରାବେଢ଼ା ପଞ୍ଚାୟତ ଅନ୍ତର୍ଗତ ରେଙ୍ଗାଭାଟି ଗ୍ରାମର ମିନାବାଇ ଗଣ୍ଡଙ୍କ ପରିବାରର ଦୁଃଖଦ କାହାଣୀ ଯେକୌଣସି ମଣିଷର ହୃଦୟକୁ ବ୍ୟଥିତ କରିବ। ତାଙ୍କର ଦୁଇ ପୁଅଙ୍କ ମଧ୍ୟରୁ ବଡ଼ ପୁଅ ମୁକ ଓ ବଧିର ହୋଇଥିବାରୁ ତାଙ୍କର ଦେଖାଶୁଣା ଦାୟିତ୍ୱ ମଧ୍ୟ ମା'ଙ୍କ ଉପରେ ରହିଛି । ଅନ୍ୟପଟେ ସାନ ପୁଅ କୁଳିମଜୁରି କରି ଯାହା କିଛି ରୋଜଗାର କରୁଛନ୍ତି, ସେହି ଅଳ୍প ରୋଜଗାରରେ ମା' ଓ ଦିବ୍ୟାଙ୍ଗ ଭାଇଙ୍କ ମୁହଁରେ ଦୁଇ ଓଳି ଖାଦ୍ୟ ଯୋଗାଇବାକୁ ନିରନ୍ତର ସଂଘର୍ଷ କରୁଛନ୍ତ ।ଏଭଳ ଦୁଦ୍ଦଶା ମଧ୍ୟରେ ମିନାବାଇଙ୍କ ପାଇଁ ବିଧବା ଭତ୍ତା କେବଳ କିଛି ଟଙ୍କା ନୁହେଁ, ବରଂ ତାଙ୍କ ଅସହାୟ ଜୀବନରେ ଟିକିଏ ଆଶ୍ୱାସନା ଓ ବଞ୍ଚିବାର ଆଶା । କିନ୍ତୁ ଦୀର୍ଘ ତିନି ବର୍ଷ ଧରି ସେହି ସାମାନ୍ୟ ସରକାରୀ ସହାୟତା ମଧ୍ୟ ତାଙ୍କ ପାଖରେ ପହଞ୍ଚିପାରିନାହିଁ ।ଜଣେ ବିଧବା ମହିଳା ଓ ଜଣେ ଦିବ୍ୟାଙ୍ଗ ପୁଅ ଥିବା ଏହି ଅସହାୟ ପରିବାରର ଦୁଃଖ ପ୍ରତି ପ୍ରଶାସନର ଦୃଷ୍ଟି କେବେ ପଡ଼ିବ ? ମିନାବାଇଙ୍କୁ ବିଧବା ଭତ୍ତା କେବେ ମିଳିବ ? ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ସମ୍ପୃକ୍ତ ବ୍ଲକ୍ ପ୍ରଶାସନ ଓ ପଞ୍ଚାୟତ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଗ୍ରାମ ବାସୀଙ୍କ ଦାବି ହେଉଛି ।

ରକ୍ତଦାନ କରି ଗର୍ଭବତୀ ମହିଳାଙ୍କ ଜୀବନ ବଞ୍ଚାଇଲେ କଳିଙ୍ଗ ସମାଜ ପ୍ରତିନିଧି ଲାଲଧର ଦୁର୍ଗା



ରାଇଘର (ମହାଭାରତ)ରକ୍ତଦାନ ହିଁ ମହାପୁଣ୍ୟ । ଜଣେ ଅସହାୟ ମଣିଷଙ୍କ ଜୀବନ ବଞ୍ଚାଇବାଠାରୁ ବଡ଼ ମାନବିକତା ଆଉ କିଛି ନାହିଁ । ଏହି ମାନବିକତାର ଏକ ଉଦାହରଣ ସୃଷ୍ଟି କରିଛନ୍ତି ଉମରକୋଟ କଳିଙ୍ଗ ସମାଜର ପ୍ରତିନିଧି ତଥା ସାମ୍ବାଦିକ ଲାଲଧର ଦୁର୍ଗା । ଜଣେ ଗର୍ଭବତୀ ମହିଳାଙ୍କୁ ଠିକ୍ ସମୟରେ ରକ୍ତଦାନ କରି ସେ ମାନବିକତାର ଏକ ଉତ୍କୃଷ୍ଟ ନିଦର୍ଶନ ଦେଖାଇଛନ୍ତି ।ସୂଚନା ଅନୁଯାୟୀ, ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଯୋଡ଼ିଙ୍ଗା ପଞ୍ଚାୟତ ଅନ୍ତର୍ଗତ ହୀରାପାରା ଗ୍ରାମର ପୋତିରାମ ଗଣ୍ଡଙ୍କ ପତ୍ନୀ ରଇଲା ଗଣ୍ଡଙ୍କୁ ପ୍ରସବ ଯନ୍ତ୍ରଣା ହେବାରୁ ପରିବାର ଲୋକେ ପ୍ରଥମେ ହାଟଭରଣ୍ଡି ଡାକ୍ତରଖାନାକୁ ନେଇଥିଲେ । ସେଠାରେ ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା ।ଉମରକୋଟ ଡାକ୍ତରଖାନାରେ ଚିକିତ୍ସା ପରେ ସ୍ୱାଭାବିକ ପ୍ରସବ ସମ୍ଭବ ନହେବାରୁ ଡାକ୍ତରୀ ଦଳ ଅସ୍ତ୍ରୋପଚାର କରି ଏକ ପୁତ୍ର ସନ୍ତାନ ଜନ୍ମ କରାଇଥିଲେ । ତେବେ ଏହି ସମୟରେ ମା'ଙ୍କ ପାଇଁ ତୁରନ୍ତ ଓ ପଜିଟିଭ୍ ରକ୍ତର ଆବଶ୍ୟକତା ପଡ଼ିଥିଲା । ରକ୍ତ ଯୋଗାଡ଼ କରିବା ପାଇଁ ପରିବାର ଲୋକେ ସମ୍ପର୍କୀୟ ଓ ବନ୍ଧୁବାନ୍ଧବଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସଫଳ ହୋଇପାରିନଥିଲେ ।ଏଭଳି ଏକ ସଙ୍କଟପୂର୍ଣ୍ଣ ସମୟରେ ଖବର ପାଇଥିଲେ ଲାଲଧର ଦୁର୍ଗା । ଖବର ଶୁଣିବା ମାତ୍ରେ ସେ ଆଉ ବିଳମ୍ବ ନକରି ସିଧାସଳଖ ଡାକ୍ତରଖାନାରେ ପହଞ୍ଚି ନିଜେ ଓ ପଜିଟିଭ୍ ରକ୍ତଦାନ କରିଥିଲେ । ତାଙ୍କର ଏହି ସମୟୋଚିତ ସହଯୋଗ ମହିଳାଙ୍କ ଚିକିତ୍ସାରେ ସହାୟକ ହୋଇଥିଲା ।ଲାଲଧର ଦୁର୍ଗାଙ୍କ ଏହି ମହତ୍ କାର୍ଯ୍ୟକୁ ଅଞ୍ଚଳବାସୀ ଭୂୟସୀ ପ୍ରଶଂସା କରିବା ସହ ତାଙ୍କର ମାନବିକତା ଓ ପରୋପକାରୀ ମନୋଭାବକୁ ସାଧୁବାଦ ଜଣାଇଛନ୍ତି ।ପ୍ରକୃତରେ, ରକ୍ତଦାନ କେବଳ ରକ୍ତ ଦେବା ନୁହେଁ, ଏହା ହେଉଛି କାହାର ଜୀବନରେ ଆଶାର ଆଲୋକ ଜଳାଇବା । ଲାଲଧର ଦୁର୍ଗାଙ୍କ ଏହି ମହତ୍ କାର୍ଯ୍ୟ ସମାଜର ଅନ୍ୟମାନଙ୍କ ପାଇଁ ନିଶ୍ଚିତ ଏକ ପ୍ରେରଣା ।

ଓଡ଼ଗାଁ ଶ୍ରୀରଘୁନାଥ ଜିଉଙ୍କ ପୀଠରେ ଅଁଳାନବମୀ

ମାତା ସୀତାଙ୍କ ଓଡ଼ିଆଣୀବେଶ ଦର୍ଶନ କଲେ ହଜାର ହଜାର ଶ୍ରଦ୍ଧାଳୁ

ଓଡ଼ଗାଁ,(ମହାଭାରତ):ସ୍ୱର୍ଣ୍ଣ କଳସୀକ୍ଷେତ୍ର ଓଡ଼ଗାଁ ବିଜେ ଶ୍ରୀଶ୍ରୀ ରଘୁନାଥ ଜିଉଙ୍କ ପୀଠରେ ବୁଧବାର ପବିତ୍ର କାର୍ତ୍ତିକମାସ ଶୁକ୍ଳ ନବମୀ ତିଥିରେ ପରମ୍ପରା ଅନୁଯାଇ ଅଁଳାନବମୀ ନୀତି ପାଳିତ ହୋଇଯାଇଛି ।ଭୋର ୪ଟାରେ ମନ୍ଦିର ଦ୍ୱାର ଫିଟାହୋଇ ଶୋଧନ ନୀତିପରେ ସକାଳ ୫ଟାରେ ମଙ୍ଗଳଆଳତୀ, ଅବକାଶ,ପଞ୍ଚାମୃତସ୍ନାନ,ମଇଲମ, ତଡ଼ପଲାଗି,ଖଟଣୀନୀତି ଅନୁଷ୍ଠିତ ହୋଇଥିଲା ।ପରେ ପାଳିଆପଣ୍ଡା ମାତା ସୀତାଙ୍କ ମୁଣ୍ଡରେ ଓଢ଼ଣା ବେକରେ ଅଁଳାମାଳ ପକାଇ ଖାଣ୍ଡି ଓଡିଆଣୀ



ବେଶରେ ସଜେଇବା ସହିତ ପ୍ରଭୁ ଶ୍ରୀରାମ ଏବଂ ଭ୍ରାତା ଲକ୍ଷ୍ମଣଙ୍କୁ ମଧ୍ୟ ସୁନ୍ଦର ଭାବେ ସଜାଇଥିଲେ ।ଭୋର ସମୟରୁ ଶ୍ରଦ୍ଧାଳୁମାନେ ପ୍ରଭୁଙ୍କ ଦର୍ଶନ ଲାଭକରିବା ପାଇଁ ମନ୍ଦିରରେ ପହଞ୍ଚି ଯାଇଥିଲେ ।ଆଜିର ସ୍ୱତନ୍ତ୍ର ପର୍ବ ଅଁଳା ନବମୀ ତଥା ରାଧା ପାଦଦର୍ଶନ ଅବସରରେ ମାତା ସୀତାଙ୍କ ଓଡ଼ିଆଣୀ ବେଶ ଓ ପାଦ ଦର୍ଶନର ସୁଯୋଗପାଇ ଶ୍ରଦ୍ଧାଳୁମାନେ ନିଜକୁ ଧନ୍ୟମନେ କରିଥିଲେ ।ପାଳିଆପଣ୍ଡା, ପୂଜକ ପରିଷଦର କର୍ମକର୍ତ୍ତା,ମନ୍ଦିର ପରିଚ୍ଛା ଓ ମନ୍ଦିର ପରିଚାଳକଙ୍କ ଦ୍ୱାରା ଆଜିର ସମସ୍ତ ନୀତିକାନ୍ତି ସଂପାଦିତ ହୋଇଥିଲା ।ସେହିପରି ସ୍ଥାନୀୟ ରାଧାକାନ୍ତ ମଠ,ଲକ୍ଷ୍ମୀମନ୍ଦିର ରଙ୍ଗଣୀପାଟଣା,ପାଇକ ପଟ୍ଟିଖାରୀ ରାଧାକୃଷ୍ଣଙ୍କ ମନ୍ଦିର,କୁରାଳ ମଠ,ଲକ୍ଷ୍ମୀ ନାରାୟଣ ମନ୍ଦିର ସହିତ ଓଡ଼ଗାଁ ଅଞ୍ଚଳର ଅନ୍ୟମଠ ଓ ମନ୍ଦିର ମାନଙ୍କରେରାଧାରାଣୀଙ୍କ ପାଦଦର୍ଶନ ନୀତି ଅନୁଷ୍ଠିତ ହୋଇଥିବାବେଳେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ଜଣାପଡ଼ିଛି ।

ବାର୍ଦ୍ଧକ୍ୟ ଓ ଭିନ୍ନକ୍ଷମ ଭତ୍ତା ପ୍ରଦାନରେ ବିଳମ୍ବ ନେଇ ବିଧାନସଭା କମିଟିରେ ଉଠାଇଲେ ବିଧାୟକ ରୂପେଶ ପାଣିଗ୍ରାହି

ପାରଳାଖେମୁଣ୍ଡି / ଗଜପତି: ବାର୍ଦ୍ଧକ୍ୟ ଭତ୍ତା ଓ ଭିନ୍ନକ୍ଷମ ଭତ୍ତା ପ୍ରଦାନରେ ବିଳମ୍ବ ଏବଂ ହିତାଧିକାରୀଙ୍କ ବିଭିନ୍ନ ସମସ୍ୟାକୁ ନେଇ ବିଧାନସଭା କମିଟି ବୈଠକରେ ସ୍ୱର ଉଠାଇଛନ୍ତି ଗଜପତି ଜିଲ୍ଲାର ବିଧାୟକ ରୂପେଶ କୁମାର ପାଣିଗ୍ରାହୀ। ବିଧାନସଭା ସଚିବାଳୟ ପକ୍ଷରୁ ଯୁଗ୍ମ ସଚିବ ବିଦ୍ୟାଧର ମାଝୀଙ୍କ ଦସ୍ତଖତରେ ଜାରି ଚିଠି ଅନୁଯାୟୀ, କମିଟି ଅଧ୍ୟକ୍ଷ ବିଭୂତି ଭୂଷଣ ପ୍ରଧାନଙ୍କ ସମେତ ବିଧାୟକ ପ୍ରଶାନ୍ତ ବେହେରା, ଉମା ଚରଣ ମଲ୍ଲିକ, ପ୍ରକାଶ ଚନ୍ଦ୍ର ସେଠୀ, ହିମାଂଶୁ ଶେଖର ସାହୁ, ଡଃ ଫକୀର ମୋହନ ନାଏକ, ରୂପେଶ କୁମାର ପାଣିଗ୍ରାହୀ, ସତ୍ୟଜିତ ଗମାଙ୍ଗୋ, ବିଜୟ କୁମାର ଦଳବେହେରା, ସୁଜାତା ସାହୁ, ପ୍ରଦୀପ କୁମାର ସାହୁ



ଓ ସୁବାସିନୀ ଜେନାଙ୍କୁ ବୈଠକରେ ଯୋଗଦେବା ପାଇଁ ନିମନ୍ତ୍ରଣ କରାଯାଇଥିଲା ।ବୈଠକର କାର୍ଯ୍ୟସୂଚୀ ଅନୁଯାୟୀ, ପୂର୍ବାହ୍ନ ୧୦ଟା ୩୦ରେ କମିଟି ସଦସ୍ୟମାନଙ୍କ ମଧ୍ୟରେ ପ୍ରାଥମିକ ଆଲୋଚନା ଏବଂ ୧୦ଟା ୪୫ରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ବ୍ୟକ୍ତିଙ୍କ ସଶକ୍ତିକରଣ ବିଭାଗର ସଚିବଙ୍କ ସହ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଥିଲା। ଏଥିରେ ୨୦୨୫-୨୦୨୬ ବର୍ଷର ତୃତୀୟ ରିପୋର୍ଟରେ କମିଟି ପକ୍ଷରୁ ଦିଆଯାଇଥିବା ପର୍ଯ୍ୟବେକ୍ଷଣ ଓ ସୁପାରିଶ ଉପରେ ବିଭାଗର କାର୍ଯ୍ୟାନୁଷ୍ଠାନ ରିପୋର୍ଟ ସହ ବିଭାଗର ସାଧାରଣ କାର୍ଯ୍ୟକଳାପ ସମୀକ୍ଷା କରାଯିବାର ବ୍ୟବସ୍ଥା ରହିଥିଲା ।ସେହିପରି ପୂର୍ବାହ୍ନ ୧୧ଟା ୪୫ରେ ମହିଳା ଓ ଶିଶୁ ବିକାଶ ବିଭାଗର ସଚିବଙ୍କ ସହ ଅନୁରୂପ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଥିଲା ।ବୈଠକରେ ବିଧାୟକ ରୂପେଶ ପାଣିଗ୍ରାହୀ ବାର୍ଦ୍ଧକ୍ୟ ଓ ଭିନ୍ନକ୍ଷମ ଭତ୍ତା ଠିକ୍ ସମୟରେ ମିଳୁନଥିବା ଅଭିଯୋଗକୁ ଗୁରୁତ୍ୱର ସହ ଉପସ୍ଥାପନ କରିଥିଲେ। ଏହାର ଉତ୍ତରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଗାମୀ ଦିନରେ ହିତାଧିକାରୀଙ୍କୁ ନିର୍ଦ୍ଧାରିତ ସମୟରେ ଭତ୍ତା ପ୍ରଦାନ କରାଯିବା ସହ ବକେୟା ରହିଥିବା ହିତାଧିକାରୀଙ୍କୁ ମଧ୍ୟ ଅତିଶୀଘ୍ର ଭତ୍ତା ଦିଆଯିବ ବୋଲି ସୂଚନା ଦିଆଯାଇଥିବା ଜଣାପଡ଼ିଛି ।ଗଜପତି ଜିଲ୍ଲାର ବୃଦ୍ଧବୃଦ୍ଧା, ଭିନ୍ନକ୍ଷମ ବ୍ୟକ୍ତି ଓ ମହିଳାମାନେ ଯେପରି ସରକାରୀ ଯୋଜନାର ସୁବିଧା ସଠିକ୍ ସମୟରେ ପାଇପାରିବେ, ସେଥିପାଇଁ ବିଧାନସଭା ସ୍ତରରେ ଏହି ପ୍ରସଙ୍ଗ ଉଠାଯିବାକୁ ଜିଲ୍ଲାବାସୀ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଦେଖୁଛନ୍ତି ।

ଅଁଳା ନବମୀରେ ବିଦ୍ୟାଳୟରେ ଅଁଳାବୃକ୍ଷ ପୂଜନ ଓ ରୋପଣ



ଓଡ଼ଗାଁ,(ମହାଭାରତ): ଓଡଗାଁ ବ୍ଲକ ଅନ୍ତର୍ଗତ ରୋହିବାଙ୍କ ପଞ୍ଚାୟତ ଅଧିନ ଧନୁର୍ଜୟପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ନିଆରା ଢଙ୍ଗରେ ବୃକ୍ଷରୋପଣ କରାଯାଇଛି । ପବିତ୍ର ଅଁଳା ନବମୀରେ ଅଁଳାବୃକ୍ଷଙ୍କୁ ଧୂପଦୀପ ଦେଇ ପୂଜନ କରାଯିବାସହ ପ୍ରାର୍ଥନା ସଭାପରେ ମା'ମାନଙ୍କ ଦ୍ୱାରା ଅଁଳା ବୃକ୍ଷରୋପଣ କରାଯାଇଥିଲା ।ଏବଂ ଅଁଳାବୃକ୍ଷର ଉପକାରିତା ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଯାଇଥିଲା ।ଏହି ନିଆରା କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷୟିତ୍ରୀ ଦମୟନ୍ତୀ ପାତ୍ର ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ଶିକ୍ଷକ କାନ୍ହୁ ଚରଣ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଚଙ୍ଗରିଆ ଗ୍ରାମରେ ବିକଶିତ ଭାରତ ରୋଜଗାର ଓ ଆଜୀବିକା ମିଶନର ସମୀକ୍ଷା, ପରିଦର୍ଶନ କଲେ ଅଜୟ ବାଇ

ପାଟଣାଗଡ (ମହାଭାରତ) ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ଚଙ୍ଗରିଆ ଗ୍ରାମପଞ୍ଚାୟତର ଚଙ୍ଗରିଆ ଗ୍ରାମକୁ ବିକଶିତ ଭାରତ ଗ୍ୟାରେଣ୍ଟି ଫର୍ ରୋଜଗାର ଆଣ୍ଡ ଆଜୀବିକା ମିଶନ (ଗ୍ରାମୀଣ)ର କାର୍ଯ୍ୟକାରିତା ଓ ସ୍ଥିତି ଅନୁଧ୍ୟାନ କରିବା ପାଇଁ ଅଜୟ ବାଇ ପରିଦର୍ଶନ କରିଥିଲେ । ଏହି ଗସ୍ତ ସମୟରେ ତାଙ୍କ ସହ ଖପ୍ରାଖୋଲ ବ୍ଲକର ଏଇ, ଜେଇ, ଇଓ, ଜିପିଓ, ସରପଞ୍ଚ ଓ ଏଡିଓଙ୍କ ସମେତ ସମ୍ପୃକ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ



ପାନୀୟ ଜଳ ବିଭାଗ ତଥା ବଲାଙ୍ଗୀର ଜିଲ୍ଲା ପରିଷଦ ସମ୍ପର୍କିତ ଅଧିକାରୀଙ୍କ ଉପସ୍ଥିତିରେ ଗ୍ରାମର ବିଭିନ୍ନ ବିକାଶମୂଳକ ଦିଗ ଉପରେ ଆଲୋଚନା ଓ ସମୀକ୍ଷା କରାଯାଇଥିଲା । ବିଶେଷକରି ଗ୍ରାମାଞ୍ଚଳରେ ରୋଜଗାରର ସୁଯୋଗ ସୃଷ୍ଟି, ଗ୍ରାମବାସୀଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆଣିବା, ଆଜୀବିକାର ବିକାଶ ଏବଂ ଗ୍ରାମୀଣ ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା ଦିଗରେ ଏହି ମିଶନର ଭୂମିକା ରହିଛି । ଏହି ପରିଦର୍ଶନ ମାଧ୍ୟମରେ ଗ୍ରାମରେ ଚାଲିଥିବା ଓ ପ୍ରସ୍ତାବିତ ବିକାଶମୂଳକ କାର୍ଯ୍ୟଗୁଡ଼ିକର ସ୍ଥିତି ଏବଂ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ଅନୁଧ୍ୟାନ କରାଯାଇଥିଲା । ଗ୍ରାମାଞ୍ଚଳର ଲୋକଙ୍କୁ ରୋଜଗାର ସହ ଯୋଡ଼ିବା ଏବଂ ଗାଁର ସାମଗ୍ରିକ ବିକାଶକୁ ଆଗକୁ ବଢ଼ାଇବା ଲକ୍ଷ୍ୟରେ ଏଭଳି ପରିଦର୍ଶନ ଓ ସମୀକ୍ଷା କାର୍ଯ୍ୟକ୍ରମ ଗୁରୁତ୍ୱ ବହନ କରୁଛି ।

ଜିଲ୍ଲା ସ୍ତରୀୟ ବାଲ୍ୟ ବିବାହ ନିଷେଧ ନିମନ୍ତେ ସଚେତନତା ବୈଠକ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଆଜି ଜିଲ୍ଲା ସ୍ତରୀୟ ବାଲ୍ୟ ବିବାହ ନିଷେଧ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି ।ତା ସାଙ୍ଗକୁ ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବାଲ୍ୟ ବିବାହ ମୁକ୍ତ ଗଜପତି, ଆମର ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଏହି କାର୍ଯ୍ୟକ୍ରମରେ ଶିଶୁ ସୁରକ୍ଷା ଅଧିକାରୀ ଅରୁଣ ତ୍ରିପାଠୀ, ସମାଜ ମଙ୍ଗଳ ଅଧିକାରୀ ମନୋରମା ଦେବୀ,ଜିଲ୍ଲା ଶ୍ରମ ଅଧିକାରୀ, ରାମ ପ୍ରସାଦ ପ୍ରମୁଖ ଉପସ୍ଥିତ ରହି ସଚେତନତା କରିଥିଲେ ।ଏହି କାର୍ଯ୍ୟକ୍ରମରେ ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ନମିତା ମହାରଣା, ମହିଳା ସୁରକ୍ଷା ଅଧିକାରୀ ସାରଳା ପାତ୍ର ଙ୍କ ସମେତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରମୁଖ ଉପସ୍ଥିତ ଥିଲେ ।

ପାରଳାଖେମୁଣ୍ଡିରେ ପବିତ୍ର ଅଁଳା ନବମୀ ଓ ରାଧାରାଣୀଙ୍କ ପାଦ ଦର୍ଶନ ପାଳିତ



ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିର ବିଭିନ୍ନ ମନ୍ଦିରର ଅଁଳା ଗଛ ମୂଳରେ ଅଁଳା ନବମୀ ପାଳିତ । କାର୍ତ୍ତିକ ମାସ ଏକ ପବିତ୍ର ଓ ପୁଣ୍ୟର ମାସ ।କାର୍ତ୍ତିକ ମାସର ଶୁକ୍ଳ ପକ୍ଷ ନବମୀ ତିଥିରେ ଅଁଳା ନବମୀ ପାଳିତ ହେଉଛି । ଏହି ଦିନ ମହିଳାମାନେ ସକାଳୁ ନଡ଼ିଆ, କଦଳୀ, ଗଜା ମୁଗ,ମଣ୍ଡା ପିଠା, ଅଁଳା ଫୁଲ ଫଳ ସହ ସିନ୍ଦୂର,ଲାଲ କପଡ଼ା, ଚୁଡି ପ୍ରଭୃତି ପୂଜା ଦ୍ରବ୍ୟ ଧରି ଅଁଳା ଗଛ ମୂଳରେ ପୂଜା କରିଛନ୍ତି ।ଏହି ଦିନ ଅଁଳା ଗଛ ମୂଳରେ ନିଜର ମନସ୍କାମନା ରଖି ସ୍ୱଭାଗ୍ୟବତୀର ଆଶୀର୍ବାଦ ନେଇ ମହିଳାମାନେ ଲାଲ କପଡ଼ାରେ ଗୁଆ ଅଁଳା ଚୁଡ଼ି ରଖି ଅଁଳା ଗଛରେ କପଡା ବାନ୍ଧି ଥାନ୍ତି ।ଏହି ପୂଜା କଲେ ସ୍ୱଭାଗ୍ୟବତୀର ଆଶୀର୍ବାଦ ମିଳିଥାଏ ବୋଲି ବିଶ୍ୱାସ ରହିଛି ।ଅଁଳା ଗଛ ପୂଜା ପରେ ମାଆ ରାଧାରାଣୀଙ୍କ ପାଦ ଦର୍ଶନ କରିଛନ୍ତି ।ମାଆ ରାଧାରାଣୀ ଓଡ଼ିଆଣି ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି । ଏହାର ଆଉ ଗୋଟିଏ ମାହାତ୍ମ୍ୟ ରହିଛି ଯେ ପ୍ରଭୁ ଜଗନ୍ନାଥ ଆଜି ଅଁଳାର ମାଳ ଧାରଣ କରିଥାନ୍ତି ।

ବାତ୍ୟା 'ଆକଭାନ' ମୁକାବିଲା ପାଇଁ ଉମରକୋଟ ପୌରପାଳିକାର କଣ୍ଟ୍ରୋଲ ରୁମ୍ ଖୋଲିଲା

ବିପଦସଙ୍କୁଳ ଅଞ୍ଚଳରୁ ସ୍ଥାନାନ୍ତର ହେବେ ଲୋକେ



ଉମରକୋଟ (ମହାଭାରତ) ସମ୍ଭାବ୍ୟ ବାତ୍ୟା 'ଆକଭାନ'ର ମୁକାବିଲା ଏବଂ ଜନସାଧାରଣଙ୍କ ଧନଜୀବନ ସୁରକ୍ଷାକୁ ଗୁରୁତ୍ୱ ଦେ

ନିଟ୍ ପେପର ଲିକ୍ ମାମଲା

୧୪ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜଫ୍ରେମ୍



ନଭେମ୍ବର ୨୫ରୁ ଶୁଣାଣି

ନୂଆଦିଲ୍ଲୀ,୧୮।୧୧: ନିଟ୍ ୟୁଜି ପେପର ଲିକ୍ ମାମଲାରେ ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି । ଏହି ମାମଲାରେ ସମସ୍ତ ୧୪ ଜଣ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜଫ୍ରେମ୍ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ନଭେମ୍ବର ୨୫ ତାରିଖରୁ ମାମଲାର ଦୈନିକ ଶୁଣାଣି ଆରମ୍ଭ ହେବ । ଏହାକୁ ନେଇ ନିଟ୍ ପରୀକ୍ଷାର୍ଥୀ ଏବଂ ଅଭିଭାବକଙ୍କ ମଧ୍ୟରେ ପୁଣି ଥରେ ଏହି ମାମଲା ଚର୍ଚ୍ଚାକୁ ଆସିଛି ।

ସୂଚନା ଅନୁଯାୟୀ, ନିଟ୍ ୟୁଜି ପେପର ଲିକ୍ ମାମଲାର ତଦନ୍ତ କରୁଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଅଭିଯୁକ୍ତମାନଙ୍କ ବିରୋଧରେ ବିଭିନ୍ନ ଧାରାରେ ମାମଲା ରୁଜୁ କରିଥିଲା । କୋର୍ଟ ସିବିଆଇ ଲଗାଇଥିବା ଭାରତୀୟ ଦଣ୍ଡ ସଂହିତାର ସମସ୍ତ ସମ୍ପୃକ୍ତ ଧାରା ଅନୁଯାୟୀ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜଫ୍ରେମ୍ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏଥିସହ କପିରାଇଟ୍ ଆଇନର ଧାରା ୬୩ ଅନୁଯାୟୀ ମଧ୍ୟ ଅଭିଯୁକ୍ତଙ୍କ ବିରୋଧରେ ଅଭିଯୋଗ ଗଠନ କରାଯାଇଛି । କୋର୍ଟ ସମସ୍ତ ୧୪ ଜଣ ଅଭିଯୁକ୍ତଙ୍କୁ ନଭେମ୍ବର ୨୧ ତାରିଖରେ ବ୍ୟକ୍ତିଗତ ଭାବେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହାପରେ ନଭେମ୍ବର ୨୫ରୁ ମାମଲାର ନିୟମିତ ଶୁଣାଣି ହେବ । ଦୈନିକ ଶୁଣାଣି ମାଧ୍ୟମରେ ମାମଲାର ବିଚାର ପ୍ରକ୍ରିୟାକୁ ଶୀଘ୍ର ଆଗକୁ ବଢ଼ାଇବା ଉପରେ ଗୁରୁତ୍ୱ ଦିଆଯାଇଛି ।

ଏହି ମାମଲାରେ ସିବିଆଇ ପକ୍ଷରୁ ପ୍ରାୟ ୨୦ ହଜାର ପୃଷ୍ଠାର ଚାର୍ଜସିଟ୍ ଦାଖଲ କରାଯାଇଛି । ଜୁଲାଇ ମାସରେ ତଦନ୍ତକାରୀ ସଂସ୍ଥା ପ୍ରଥମ ଚାର୍ଜସିଟ୍ ଦାଖଲ କରିଥିଲା । ପରେ ଅଗଷ୍ଟ ୧୨ ତାରିଖରେ ରାଉଜ୍ ଆଭେନ୍ୟୁ କୋର୍ଟର ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ କୋର୍ଟ ଏହି ଚାର୍ଜସିଟ୍ ଉପରେ ବିଚାର କରିଥିଲେ । ନିଟ୍ ୟୁଜି ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ଦେଶବ୍ୟାପୀ ବିବାଦ ସୃଷ୍ଟି କରିଥିଲା । ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଜଡ଼ିତ ଏହି ମାମଲାରେ ତଦନ୍ତ ଓ ନ୍ୟାୟିକ ପ୍ରକ୍ରିୟା ଉପରେ ସମସ୍ତଙ୍କ ନଜର ରହିଛି । ନଭେମ୍ବର ୨୫ରୁ ଆରମ୍ଭ ହେବାକୁ ଥିବା ଦୈନିକ ଶୁଣାଣି ଏହି ମାମଲାର ପରବର୍ତ୍ତୀ ଗତିକୁ ନିର୍ଦ୍ଧାରଣ କରିବ ।

ନିର୍ଦ୍ଦୋଷ ପ୍ରାଣୀଙ୍କ ହତ୍ୟା ପାପ, ବନ୍ଦ କରାଯାଉ

ଦାଖଲ ପିଟିସନ୍‌କୁ ଖାରଜ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୮।୧୧: ଧର୍ମ ନାମରେ ପ୍ରାଣୀଙ୍କର ନିର୍ମମ ହତ୍ୟା ବନ୍ଦ କରିବା ନେଇ ଏକ ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରି ଦେଇଛନ୍ତି । ଆବେଦନକାରୀ ଯୁକ୍ତି ଦର୍ଶାଇଥିଲେ ଯେ, ହିନ୍ଦୁ ଶାସ୍ତ୍ରରେ ବଳିଦାନର ପ୍ରକୃତ ଅର୍ଥ ହେଉଛି ଅହଂକାର, ଅଜ୍ଞତା ଏବଂ ଦୁଷ୍ଟ ପ୍ରବୃତ୍ତିକୁ ତ୍ୟାଗ କରିବା, ପ୍ରାଣୀଙ୍କୁ ହତ୍ୟା ନୁହେଁ। ଧାର୍ମିକ ପରମ୍ପରା ନାମରେ ପ୍ରାଣୀଙ୍କର ନିର୍ମମ ହତ୍ୟା ବନ୍ଦ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ଆବେଦନକାରୀ କୋର୍ଟଙ୍କୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଥିଲେ।



ଶୁଣାଣି ସମୟରେ ଆବେଦନକାରୀ ଯୁକ୍ତି ଦର୍ଶାଇଥିଲେ ଯେ, ହିନ୍ଦୁ ଶାସ୍ତ୍ରର ମୌଳିକ ଭାବନ ହେଉଛି ଜୀବଜନ୍ତୁଙ୍କ ପ୍ରତି କରୁଣା ଏବଂ ଅହିଂସା। ଅଥର୍ବବେଦ, ସାମବେଦ ଏବଂ ଯଜୁର୍ବେଦରେ କୁହାଯାଇଛି ଯେ, ନିର୍ଦ୍ଦୋଷ ପ୍ରାଣୀଙ୍କୁ ହତ୍ୟା କରିବା ପାପ। ହିନ୍ଦୁ ଦର୍ଶନରେ ଭଗବାନ ପଶୁପତିଙ୍କୁ ପ୍ରାଣୀଙ୍କ ରକ୍ଷକ ଭାବରେ ବିବେଚନା କରାଯାଏ।ଆବେଦନକାରୀ ଯୁକ୍ତି ଦର୍ଶାଇଥିଲେ ଯେ ନବରାତ୍ରି ଏବଂ ଦୁର୍ଗାପୂଜା ସମୟରେ ଦେବୀ ଦୁର୍ଗା ଏବଂ ମହିଷାସୁରଙ୍କ ମଧ୍ୟରେ ହେଉଥିବା ଯୁଦ୍ଧକୁ ମହିଷ କିମ୍ବା ଅନ୍ୟାନ୍ୟ ପ୍ରାଣୀଙ୍କ ହତ୍ୟା ପାଇଁ ଧାର୍ମିକ ଯଥାର୍ଥତା ଭାବରେ ବିବେଚନା କରାଯାଇପାରିବ ନାହିଁ। ବଳିଦାନର ପ୍ରକୃତ ଆଧ୍ୟାତ୍ମିକ ଅର୍ଥ ହେଉଛି ମାନବ ଅହଂକାର, ଅଜ୍ଞତା, ଲୋଭ, ଗର୍ବ ଏବଂ ପ୍ରାଣୀବାଦୀ ପ୍ରବୃତ୍ତିର ତ୍ୟାଗ।

କାଳୀଘାଟ ଏବଂ କାମାକ୍ଷା ଭଳି ମନ୍ଦିରର ଉଦାହରଣ ଦେଇ ସେ ଦର୍ଶାଇଥିଲେ ଯେ, ଦେବୀଙ୍କୁ ସନ୍ତୁଷ୍ଟ କରିବା ନାମରେ ଛେଳି ଏବଂ ଅନ୍ୟାନ୍ୟ ପ୍ରାଣୀଙ୍କ ହତ୍ୟା ହିନ୍ଦୁ ଧର୍ମର ମୂଳ ଆଧ୍ୟାତ୍ମିକ ଭାବନାର ବିପରୀତ। ଅନିୟନ୍ତ୍ରିତ ପ୍ରାଣୀଙ୍କ ହତ୍ୟା ଜନସ୍ୱାସ୍ଥ୍ୟ ପାଇଁ ଏକ ଗମ୍ଭୀର ବିପଦ ସୃଷ୍ଟି କରେ, ଯାହା ପ୍ରାଣୀଙ୍କଠାରୁ ମଣିଷକୁ ସଂକ୍ରମଣର ବିପଦ ବୃଦ୍ଧି କରେ। ଆବେଦନରେ କୋଭିଡ୍-୧୯, ଏଚ୧ଏନ୧ ଏବଂ ସ୍ୱାଇନ୍ ଫ୍ଲୁକୁ ଉଲ୍ଲେଖ କରାଯାଇଥିଲା। ମାମଲାରେ ପଶ୍ଚିମବଙ୍ଗରେ ବୁସେଲା ସଂକ୍ରମଣ ପାଇଁ ସେରୋପୋଜିଟିଭ୍ ପରୀକ୍ଷା କରୁଥିବା ୬୯୯ ପ୍ରାଣୀ ପରିଚାଳନାକାରୀଙ୍କ ମଧ୍ୟ ଉଦାହରଣ ଦିଆଯାଇଥିଲା। ଏଥିରେକୁହାଯାଇଥିଲା, ପ୍ରାଣୀ ରକ୍ତ ଏବଂ ମଇଳା ଜଳ ଉତ୍ସକୁ ପ୍ରଦୂଷିତ କରିପାରେ ଏବଂ ମାଂସ ଦ୍ୱାରା ସୃଷ୍ଟି ହେଉଥିବା ମଇଳାର ଅନୁପଯୁକ୍ତ ନିଷ୍କାସନ ପରିବେଶ ପାଇଁ ବିପଦ ସୃଷ୍ଟି କରିଥାଏ।

ସମ୍ବିଧାନର ଧାରା ୨୧ ଆଧାରରେ ଆବେଦନକାରୀ ଯୁକ୍ତି ଦର୍ଶାଇଥିଲେ ଯେ, ପ୍ରାଣୀଙ୍କ ସୁରକ୍ଷାକୁ ଜୀବନ ଏବଂ ପରିବେଶ ସୁରକ୍ଷାର ସାମ୍ବିଧାନିକ ନୀତି ମଧ୍ୟରେ ବିଚାର କରାଯିବା ଉଚିତ୍। ପାରେନ୍ସ ପାଟ୍ରିଆର ନୀତିର ଉଲ୍ଲେଖ କରି ସେ ଯୁକ୍ତି ଦେଇଥିଲେ ଯେ, କୋର୍ଟଗୁଡ଼ିକ ସ୍ୱରହୀନ ପ୍ରାଣୀଙ୍କ ରକ୍ଷକ ଭାବରେ କାର୍ଯ୍ୟ କରିପାରିବେ ଯେଉଁମାନେ ନିଜ ଅଧିକାର ପାଇଁ କହିପାରନ୍ତି ନାହିଁ। ଏହା ସହ ଜଳ ପ୍ରଦୂଷଣ ନିବାରଣ ଏବଂ ନିୟନ୍ତ୍ରଣ ଆଇନ ଏବଂ ପରିବେଶ ସୁରକ୍ଷା ଆଇନର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସତୀ ଏବଂ ବାଲ୍ୟବିବାହ ଭଳି କୁପ୍ରଥାର ଉଦାହରଣ ଦେଇ ଆବେଦନକାରୀ ଯୁକ୍ତି ଦର୍ଶାଇଥିଲେ ଯେ, କେବଳ ଏକ ଧାର୍ମିକ ପରମ୍ପରାକୁ ସାମ୍ବିଧାନିକ ମୂଲ୍ୟବୋଧର ବିପରୀତ ବୋଲି ଦର୍ଶାଇ ଏହାକୁ ଜାରି ରଖିବାକୁ ଅନୁମତି ଦିଆଯାଇପାରିବ ନାହିଁ। ଏପରି ଯୁକ୍ତି ସତ୍ତ୍ୱେ, ପ୍ରାଣୀଙ୍କ ନିର୍ମମ ହତ୍ୟାକୁ ରୋକିବା ପାଇଁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଥିଲେ।

ଭାରତୀୟ ଯବାନଙ୍କୁ ଧକ୍କା ମାରିଲେ ବାଂଲାଦେଶୀ ସୈନ୍ୟ

ନୂଆଦିଲ୍ଲୀ,୧୮।୧୧: ଭୁଲରେ ବାଂଲାଦେଶ ସୀମା ମଧ୍ୟକୁ ପଶିଗଲେ ବିଏସଏଫ ଯବାନ । ଧରିଦେଲେ ବାଂଲାଦେଶୀ ସୈନ୍ୟ । ଆକ୍ରମଣ କଲେ । ଧକ୍କା ମାରି ନେଇଗଲେ । ଯାହାର ଭିଡିଓ ବର୍ତ୍ତମାନ୍ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଯେଉଁଥିରେ ଜଣେ ଭାରତୀୟ ଯବାନଙ୍କୁ ବାଂଲାଦେଶରେ ଅତ୍ୟାଚାର କରାଯାଉଥିବା ଦେଖିବାକୁ ମିଳିଛି । ଭାରତୀୟ ଯବାନଙ୍କ ସହ ଏମିତି ଦୁର୍ବ୍ୟବହାରକୁ ନେଇ ଭାରତରେ ତୀବ୍ର ପ୍ରତିକ୍ରିୟା ପାଇଛି । ତେବେ ଦୁଇ ଦେଶର ସୀମା ସୁରକ୍ଷା ବଳର ଅଧିକାରୀଙ୍କ ମଧ୍ୟରେ ଆଲୋଚନା ଓ ଫ୍ଲାଗ୍ ମିଟିଂ ପରେ ଯବାନଙ୍କୁ ସୁରକ୍ଷିତ ଭାବେ ଭାରତ ଫେରାଇ ଅଣାଯାଇଛି । ନଭେମ୍ବର ୧୭ ତାରିଖ ମଙ୍ଗଳବାର ଏହି ଘଟଣା ଘଟିଥିବା ଜଣାପଡ଼ିଛି । ସୋସିଆଲ ମିଡିଆରେ ଭିଡିଓ ପ୍ରସାରିତ ହେବା ପରେ ବିଏସ୍‌ଏଫ୍ ଅଧିକାରୀମାନେ ଘଟଣାକୁ ଗୁରୁତ୍ୱର ସହ ନେଇଥିଲେ। ଯବାନଙ୍କୁ ଫେରାଇ ଆଣିବା ପାଇଁ ଉଭୟ ଦେଶର ସୀମା ସୁରକ୍ଷା ବଳର କମାଣ୍ଡରଙ୍କ ମଧ୍ୟରେ ଯୋଗାଯୋଗ ହୋଇଥିଲା । ଏହାପରେ ଫ୍ଲାଗ୍ ମିଟିଂ ଅନୁଷ୍ଠିତ ହୋଇଥିଲା । ଆଲୋଚନା ପରେ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ଯବାନଙ୍କୁ ସୁରକ୍ଷିତ ଭାବେ ଭାରତ ଫେରାଇ ଦିଆଯାଇଥିଲା । ଫେରିବା ପରେ ତାଙ୍କର ଡାକ୍ତରୀ ପରୀକ୍ଷା କରାଯାଇଥିବା ମଧ୍ୟ ରିପୋର୍ଟରେ କୁହାଯାଇଛି ।

ରୁଷିଆରେ ବଡ଼ ବିମାନ ଦୁର୍ଘଟଣା, ୧୯ ମୃତ

ରୁଷ,୧୮।୧୧: ରୁଷିଆରେ ଭୟଙ୍କର ବିମାନ ଦୁର୍ଘଟଣା ଦେଖିବାକୁ ମିଳିଛି । ସାମରିକ ପରିବହନ ବିମାନ ଇଭ-୧୨ କ୍ରାସ୍ ହେବା ଯୋଗୁଁ ୧୯ ଜଣଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ମଧ୍ୟରେ ବିମାନର ସମସ୍ତ ଚାଳକ ଦଳର ସଦସ୍ୟ ରହିଥିବା ଜଣାପଡିଛି । ରୁଷିଆର ପ୍ରତିରକ୍ଷା ମନ୍ତ୍ରଣାଳୟ ଏହି ଦୁର୍ଘଟଣା ନେଇ ସୂଚନା ଦେଇଛି। ସୂଚନା ଅନୁଯାୟୀ, ପଶ୍ଚିମ ସାଇବେରିଆର କେମେରୋଭୋ ଅଞ୍ଚଳର ୟାଗୁନୋଭୋ ଗାଁ ନିକଟରେ ଏକ ଜନଶୂନ୍ୟ ସ୍ଥାନରେ ବିମାନଟି ଖସିପଡ଼ିଥିଲା। ଦୁର୍ଘଟଣା ସମୟରେ ବିମାନରେ ମୋଟ ୧୯ ଜଣ ଥିଲେ। ତେବେ ବିମାନରେ ଥିବା କାହାରିକୁ ମଧ୍ୟ ଜୀବିତ ଉଦ୍ଧାର କରାଯାଇପାରିନାହିଁ। ଜନଶୂନ୍ୟ ଅଞ୍ଚଳରେ ବିମାନଟି ଖସିପଡ଼ିଥିବାରୁ ଭୂମିରେ ଥିବା ଅନ୍ୟ କୌଣସି ଲୋକଙ୍କ କ୍ଷତି ହୋଇନାହିଁ । ପ୍ରାଥମିକ ତଦନ୍ତରୁ ବିମାନର ଯନ୍ତ୍ରପାତିରେ ବୈଷୟିକ ତ୍ରୁଟି ଯୋଗୁଁ ଏହି ଦୁର୍ଘଟଣା ଘଟିଥାଇପାରେ ବୋଲି ଆଶଙ୍କା କରାଯାଉଛି। ତେବେ ଦୁର୍ଘଟଣାର ପ୍ରକୃତ କାରଣ ଏବେ ବି ଅସ୍ପଷ୍ଟ। ଏନେଇ ରୁଷିଆ ବାୟୁସେନାର ବିଶେଷଜ୍ଞମାନେ ତଦନ୍ତ ଜାରି ରଖିଛନ୍ତି । ସୂଚନାଯୋଗ୍ୟ, ଇଭ-୧୨ ହେଉଛି ସୋଭିଏତ୍ ସଂଘ ଅମଳର ଏକ ସାମରିକ ପରିବହନ ବିମାନ। ଏଥିରେ ଚାରୋଟି ଟର୍ବୋପ୍ରପ୍ ଇଞ୍ଜିନ୍ ରହିଛି। ସୈନିକ, ସାମରିକ ଉପକରଣ ଓ ଜରୁରୀ ସାମଗ୍ରୀ ପରିବହନ ପାଇଁ ଏହାକୁ ବ୍ୟବହାର କରାଯାଏ। ୧୯୫୦ ଦଶକର ଶେଷ ଭାଗରୁ ଏହି ବିମାନ ସେବାରେ ରହିଛି। ଦୀର୍ଘ ବର୍ଷ ଧରି ପୁରୁଣା ହୋଇଥିଲେ ମଧ୍ୟ ଏହା ଆଜି ବି ରୁଷିଆ ସମେତ ଅନେକ ଦେଶରେ ବ୍ୟବହୃତ ହେଉଛି।

ପିଚୁ ମିଶ୍ରଣ ୟୁନିଟ୍ ଧୂଆଁରେ କେରଳର ୫୦ ସ୍କୁଲ ଛାତ୍ର ଅସୁସ୍ଥ; ହସ୍ପିଟାଲରେ ଭର୍ତ୍ତି



ତିରୁଅନନ୍ତପୁରମ୍, ୧୮।୧୧: ବୁଧବାର ଅପରାହ୍ନରେ କେରଳର କୋଲ୍ଲମ ଜିଲ୍ଲାର କୋଟିୟମରେ ଥିବା ଅକ୍ସିଲିୟମ୍ ଆଇଏସ୍‌ସି ସ୍କୁଲର ପ୍ରାୟ ୫୦ ଜଣ ଛାତ୍ରଛାତ୍ରୀ ଗୁରୁତର ଶ୍ୱାସକ୍ରିୟା ସମସ୍ୟା ଓ ବାନ୍ତି ହେବା ଯୋଗୁ ସେମାନଙ୍କୁ ନିକଟସ୍ଥ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପିଲାଙ୍କର ହଠାତ୍ ଏପରି ଅବସ୍ଥା ଦେଖି ଅଭିଭାବକ ଓ ସ୍କୁଲ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଥିଲା। ସ୍କୁଲ କର୍ତ୍ତୃପକ୍ଷ ଶ୍ରେଣୀ ଗୃହଗୁଡ଼ିକୁ ତୁରନ୍ତ ଖାଲି କରିଦେଇଥିଲେ। ସ୍କୁଲ ନିକଟରେ ଥିବା ଏକ ପିଚୁ ମିଶ୍ରଣ ୟୁନିଟ୍ ବିଷାକ୍ତ ଧୂଆଁ ଯୋଗୁ ପିଲାମାନେ ଅସୁସ୍ଥ ହୋଇପଡ଼ିଥିବା ସ୍ଥାନୀୟ ଲୋକ ଓ ଅଭିଭାବକମାନେ ଅଭିଯୋଗ କରିଛନ୍ତି। ୟୁନିଟ୍‌ରେ କାର୍ଯ୍ୟ ଆରମ୍ଭ ହେବାପରେ ମୋଟା ଆକାରରେ ଧୂଆଁ ବାହାରିଥିଲା ଓ ସ୍କୁଲ ଆଡ଼େ ବ୍ୟାପି ଯାଇଥିଲା ବୋଲି କୁହାଯାଇଛି।

ଭାରତ 'ଆର୍ଥିକ ବିପର୍ଯ୍ୟୟ'ର ସମ୍ମୁଖୀନ : ରାହୁଲ



ନୂଆଦିଲ୍ଲୀ, ୧୮।୧୧: ଭାରତ ଏବେ ଗୋଟିଏ ଆର୍ଥିକ ବିପର୍ଯ୍ୟୟ ମଧ୍ୟରେ ରହିଥିବା ଦାବି କରିଛନ୍ତି ବିରୋଧୀ ଦଳ ନେତା ରାହୁଲ ଗାନ୍ଧି। ସେ ବ୍ୟାପକ ବେକାରୀ ସମସ୍ୟା, ସଂଘର୍ଷ କରୁଥିବା ଉତ୍ପାଦନ କ୍ଷେତ୍ର ଓ ଶିକ୍ଷା ବ୍ୟବସ୍ଥାରେ ଥିବା ତ୍ରୁଟି ଗୁଡ଼ିକର ଉଦାହରଣ ଦେଇ ଏକଥା କହିଛନ୍ତି। ଆମେରିକାର କଲୋମ୍ବିଆ ବିଶ୍ୱବିଦ୍ୟାଳୟରେ ରାହୁଲ କହିଛନ୍ତି ଯେ ଭାରତର ଆର୍ଥିକ ମଡେଲ ପ୍ରାୟ ଗୋଟିଏ ଦଶନ୍ଧି ହେଲା ନିଜର ଫଳ ଦେବା ବନ୍ଦ କରି ସାରିଛି। କିନ୍ତୁ ଆମେରିକା ମାଟିରେ ଦେଶର ଆର୍ଥିକ ସ୍ଥିତି ସମ୍ପର୍କରେ ରାହୁଲ ଏମିତି କହିଥିବାରୁ ଏହାକୁ ସହଜରେ ଗ୍ରହଣ କରିପାରି ନାହିଁ ବିଜେପି। ରାହୁଲ ବିଦେଶ ମାଟିରେ ଭାରତ ବିରୋଧୀ ପ୍ରଚାରରେ ମାତିଥିବା ବିଜେପି ଅଭିଯୋଗ କରିଛି। ବିଦେଶ ମାଟିରେ ରାହୁଲ ଗାନ୍ଧି ଦେଶର ପ୍ରସଙ୍ଗ ଉଠାଇବା ନୂଆ ନୁହେଁ। କଂଗ୍ରେସ ସାଂସଦ ରାହୁଲ ଗାନ୍ଧି ପୂର୍ବରୁ ଅନେକ ଥର ବିଦେଶ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଦେଇଥିବା ବୟାନକୁ ନେଇ ଦେଶରେ ରାଜନୀତିକ ବୟାନବାଜୀ ଦେଖିବାକୁ ମିଳିଛି। ଏହିକ୍ରମରେ ମଙ୍ଗଳବାର ଆମେରିକା ମାଟିରେ ରାହୁଲ ଗାନ୍ଧି ସିଧାସଳଖ ମୋଦି ସରକାରଙ୍କ ଆର୍ଥିକ ପରିଚାଳନା ଉପରେ ପ୍ରଶ୍ନ ଉଠାଇଛନ୍ତି। ବିଶ୍ୱବିଦ୍ୟାଳୟର ଶିକ୍ଷାର୍ଥୀ ଓ ପ୍ରଫେସରମାନଙ୍କୁ ସମ୍ବୋଧନ କରି ରାହୁଲ ଗାନ୍ଧି ବିଜେପି ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମକୁ ସମାଲୋଚନା କରିଛନ୍ତି। ମେକ ଇନ ଇଣ୍ଡିଆ ଓ ଷ୍ଟାର୍ଟ ଅପ ଇଣ୍ଡିଆର ସେ ଉଦାହରଣ ଦେଇଛନ୍ତି। ଏହି ସବୁ ଯୋଜନା ନିଯୁକ୍ତି ସୃଷ୍ଟି କରିବାରେ ବିଫଳ ହୋଇଥିବା ରାହୁଲ ଦାବି କରିଛନ୍ତି।

ସେ କହିଛନ୍ତି, "ସବୁଠାରୁ ବଡ଼ କଥା ହେଉଛି ଯେ ଭାରତ ଏବେ ଗୋଟିଏ ଅର୍ଥନୀତିକ ବିପର୍ଯ୍ୟୟ ମଧ୍ୟରେ ରହିଛି। ଏହା ହିଁ ବାସ୍ତବତା। ଏହାକୁ କେହି ଅଣଦେଖା କରିପାରନ୍ତି। ଗଣମାଧ୍ୟମ ଏହାକୁ ଅଣଦେଖା କରିପାରେବ। କିନ୍ତୁ ଏହା ହିଁ ପ୍ରକୃତ ସତ।

ଭାରତରେ ବଡ଼ଧରଣର ବେକାରୀ ସମସ୍ୟା ରହିଛି। ଭାରତରେ ଶିକ୍ଷା ବ୍ୟବସ୍ଥାକୁ ନେଇ ସବୁଠାରୁ ବଡ଼ ତ୍ରୁଟି ରହିଛି। କ୍ଷୁଦ୍ର ଓ ମଧ୍ୟମ ବ୍ୟବସାୟ ସହ କୃଷି ହେଉଛି ଅର୍ଥନୀତିର ମେରୁଦଣ୍ଡ। ହେଲେ ଏହି ମେରୁଦଣ୍ଡ ଭାଙ୍ଗି ଯାଇଛି। କେବଳ ସେବା କ୍ଷେତ୍ର ଭାରତର ଶ୍ରମ ବଳକୁ ସହ୍ୟ କରିପାରିବ ନାହିଁ। ଆମକୁ ଉତ୍ପାଦନ କ୍ଷେତ୍ରକୁ ପୁଣି ଗଢ଼ିବାକୁ ହେବ। ସେବା କ୍ଷେତ୍ର ଦ୍ୱାରା ଆମେ କେବଳ ୧%,୨%, ୩%, ୫% ଲୋକଙ୍କୁ ରୋଜଗାର ଦେଇପାରିବା। ସେବା କ୍ଷେତ୍ରରେ ଆମେ ସମସ୍ତଙ୍କ ଭବିଷ୍ୟତକୁ ନିଶ୍ଚିତ କରିପାରିବା ନାହିଁ।" ଗୌତମ ଆଦାନୀ ଓ ମୁକେଶ ଅମ୍ବାନୀଙ୍କ ଭଳି ଶିଳ୍ପପତିଙ୍କ ନାଁ ମଧ୍ୟ ରହିଛନ୍ତି ରାହୁଲ ଗାନ୍ଧି।

ଭାରତରେ ଆସି ବିବାଦୀୟ ନାରା ଦେବା ଇଟାଲୀ ନେତାଙ୍କୁ ପଡ଼ିଲା ମହଙ୍gା

'ଭୋଟ୍ ଚୋର, ଗାଦି ଛାଡ଼' ସୁପ୍ରିମକୋର୍ଟ ପହଞ୍ଚିଲା ମାମଲା

ନୂଆଦିଲ୍ଲୀ,୧୮।୧୧: ଭାରତରେ ଆସି ବିବାଦୀୟ ନାରା ଦେବା ଇଟାଲୀ ନେତାଙ୍କୁ ପଡ଼ିଲା ମହଙ୍ଗା। ହାଇଦ୍ରାବାଦର ଭାରତ ସମିଟ୍ ୨୦୨୬ରେ 'ଭୋଟ୍ ଚୋର, ଗାଦି ଛାଡ଼' ନାରା ଦେଇଥିବା ଜିଆକୋମୋ ଫିଲିବେକ୍‌ଙ୍କ ମାମଲା ଏବେ ସୁପ୍ରିମକୋର୍ଟରେ ପହଞ୍ଚିଛି। ସୋସିଆଲ ମିଡିଆରୁ ତାଙ୍କ ଭିଡିଓ ହଟାଇବାକୁ ଦାବି ହୋଇଛି। ଏହି ମାମଲାର ଶୁଣାଣି ପାଇଁ ନଭେମ୍ବର ୨୦ ତାରିଖକୁ ଧାର୍ଯ୍ୟ କରିଛନ୍ତି ସର୍ବୋଚ୍ଚ ଅଦାଲତ। ବୁଧବାର ଭାରତର ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଏବଂ ବିଚାରପତି ଭି. ମୋହନଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏହି ମାମଲାକୁ ଜରୁରୀ ଶୁଣାଣି ପାଇଁ ନିଆଯାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଓକିଲ ସୟଦ ରିଜୱାନ ଅହମ୍ମଦ ମାମଲାର ଶୀଘ୍ର ଶୁଣାଣି କରିବାକୁ ଅନୁରୋଧ କରିଥିଲେ। 'ବାର୍ ଆଣ୍ଡ ବେଞ୍ଚ' ରିପୋର୍ଟ ଅନୁସାରେ, ୟୁରୋପିଆନ୍ ସୋସିଆଲିଷ୍ଟ ପାର୍ଟିର ମହାସଚିବ ଜିଆକୋମୋ ଫିଲିବେକ୍ ଭାରତ ସରକାରଙ୍କୁ ସମାଲୋଚନା କରିବା ସହ ବିରୋଧୀ ଦଳଙ୍କ ସମର୍ଥନରେ ମତ ରଖିଥିବା ଅଭିଯୋଗ ହୋଇଛି। ଆବେଦନକାରୀଙ୍କ ଓକିଲଙ୍କ କହିବା ଅନୁସାରେ, ତେଲେଙ୍ଗାନା ସରକାର ଓ କିଛି ଫାଉଣ୍ଡେସନର ସହଯୋଗରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ବିଦେଶୀ ପ୍ରତିନିଧିମାନେ ମଧ୍ୟ ଯୋଗ ଦେଇଥିଲେ। ଫିଲିବେକ୍ କେବଳ ନାରା ଦେଇନଥିଲେ, ବରଂ ଅନ୍ୟ ବିଦେଶୀ ପ୍ରତିନିଧିଙ୍କୁ ବୁଝାଇବା ପାଇଁ ଏହାର ଇଂରାଜୀ ଅନୁବାଦ ମଧ୍ୟ କରିଥିବା ଓକିଲ ଅଭିଯୋଗ କରିଛନ୍ତି। ଆବେଦନକାରୀଙ୍କ ଦାବି ଅନୁସାରେ, ଫିଲିବେକ୍ ନିଜ ଭାଷଣରେ ଭାରତ ସରକାରଙ୍କୁ ଦୁର୍ନୀତିଗ୍ରସ୍ତ ଓ ଅସାଧୁ ବୋଲି କହିଥିଲେ।ଏହା ସହ ଭାରତରେ ଗଣତନ୍ତ୍ରର ପୁନଃସ୍ଥାପନ ଓ ସୁରକ୍ଷା ପାଇଁ ବିରୋଧୀ ଦଳଙ୍କ ସହ କାମ କରିବା କଥା କହିଥିବା ମଧ୍ୟ ଅଭିଯୋଗ ହୋଇଛି।ଏହି ଆଧାରରେ ସୋସିଆଲ ମିଡିଆରୁ ତାଙ୍କ ଭିଡିଓ ହଟାଇବାକୁ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ଲୋଡ଼ାଯାଇଛି। ଏହି ଘଟଣା ପାଇଁ କଂଗ୍ରେସ ନେତୃତ୍ୱାଧୀନ ତେଲେଙ୍ଗାନା ସରକାର କ୍ଷମା ମାଗୁ ବୋଲି ଆବେଦନରେ ଦାବି କରାଯାଇଛି।

ଖାଦ୍ୟ ନଷ୍

ଭୁବନେଶ୍ୱର, ଗୁରୁବାର ୧୯ ନଭେମ୍ବର ୨୦୨୬
Bhubaneswar, Thursday 19 November 2026
ମଇଦାନ୍
ସମ୍ବାଦ
ଏଇ ମାଟିରେ ଯୋଡୁଛି ନୂଆ ସମ୍ମାନ
ପୃଷ୍ଠା ୦୮

ଆଜିଠୁ ଟେଷ୍ଟ ଶୃଙ୍ଖଳା: ବିଜୟ ଲକ୍ଷ୍ୟରେ ଗିଲ୍ ବାହିନୀ

ଓ୍ୱେଲିଂଟନ୍,୧୮।୧୧: ନ୍ୟୁଜିଲାଣ୍ଡ ଗସ୍ତରେ ଥିବା ଭାରତୀୟ ଦଳ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ୍ ଶୃଙ୍ଖଳା ଗୁରୁବାରଠୁ ବେସିନ୍ ରିଜର୍ଭ ଷ୍ଟାଡିୟମ୍‌ରେ ଖେଳିବ। ବିଶ୍ୱ ଟେଷ୍ଟ ଚାମ୍ପିୟନସିପ୍ (ଡବ୍ଲ୍ୟୁଟିସି) ଫାଇନାଲ୍ ଦୌଡ଼ ଲାଗି ଏହି ଶୃଙ୍ଖଳା ଭାରତ ପାଇଁ ଗୁରତ୍ୱପୂର୍ଣ୍ଣ ଥିବାରୁ ଶୁବମନ ଗିଲ୍ ବାହିନୀ ବିଜୟ ଲକ୍ଷ୍ୟରେ ରହିଛି। ଏହି ଗସ୍ତରେ ଭାରତ ଉଭୟ ଟ୍ୱେଣ୍ଟି-୨୦ ଓ ଦିନିକିଆ ଶୃଙ୍ଖଳା ଜିତିଥିବାରୁ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଟେଷ୍ଟ୍ ଶୃଙ୍ଖଳା କବ୍‌ଜା କରିବା ସହ ଡବ୍ଲ୍ୟୁଟିସି ଫାଇନାଲ୍ ସ୍ଥାନ ଟିଡ଼ରେ ରହିବା ଆଶାରେ ରହିଛି। ହେଲେ ଘାସଭରା ପିଚ୍ ସହ ଘରୋଇ ଦଳର ଶକ୍ତିଶାଳୀ ଦ୍ରୁତ ବୋଲିଂ ବାହିନୀ ଭାରତ ପାଇଁ ଏହା ଏତେ ସହଜ ହେବନି। ଘରୋଇ ଦ୍ରୁତ ବୋଲର କାଇଲ ଜାମିସନ, ଜାକବ ଡଫି ଓ ମ୍ୟାଟ୍ ହେନରି ବିପକ୍ଷରେ ଭାରତୀୟ ବ୍ୟାଟର୍‌ଙ୍କୁ କୌଶଳ, ଧୈର୍ଯ୍ୟ ଓ ଦୃଢ଼ ମନୋବଳ ସହ ଖେଳିବାକୁ ପଡ଼ିବ। ଅଧିନାୟକ ଗିଲ୍‌ଙ୍କ ସହ ଯଶସ୍ୱୀ ଜୟସ୍ୱାଲ, କେଏଲ୍ ରାହୁଲ, ଦେବଦତ୍ତ ପଡିକଲ ଓ ଋଷଭ ପନ୍ତଙ୍କ ଉପରେ ଦଳର ବ୍ୟାଟିଂ ଲାଇନ୍ ନିର୍ଭର କରିବ।

ଗିଲ୍ କହିଛନ୍ତି, ଭାରତୀୟ ଦ୍ରୁତ ବୋଲରମାନେ ଦିନିକିଆ ଶୃଙ୍ଖଳାରେ ଭଲ ପ୍ରଦର୍ଶନ କରିଛନ୍ତି। ଟେଷ୍ଟ ପାଇଁ ବୃତ୍ତାନ୍ତ ଏକାଦଶ ପରିଚାଳନା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ସୃଷ୍ଟି କରିଛି। ଦ୍ରୁତ ବୋଲରମାନେ ଦିନିକିଆ ସିରିଜରେ ଚମତ୍କାର ପ୍ରଦର୍ଶନ କରିଥିଲେ। ଆମେ ଏବେ ବି ଆମର ଶେଷ ପ୍ଲେୟିଂ ଇଲେଭେନ ବିଷୟରେ ବିଚାର କରୁଛୁ। କିନ୍ତୁ ଆମେ ଚାରି ଜଣ ଦ୍ରୁତ ବୋଲରଙ୍କୁ କ୍ଷେତ୍ର ପ୍ରସ୍ତୁତ କରିବୁ। ପିଚ୍ ପରିସ୍ଥିତି ଉପରେ ନିର୍ଭର କରି ବୁମରା ବ୍ୟତୀତ ଅନ୍ୟ ତିନି ଜଣ ପେସର ଅଂଶୁଲ, ଆକାଶଦୀପ ଏବଂ ପ୍ରସିଦ୍ଧ କୃଷ୍ଣ ହୋଇପାରନ୍ତି। ମହମ୍ମଦ ସିରାଜ ଏବଂ ଗୁରନୂର ବ୍ରାରଙ୍କୁ ବାହାରେ ବସିବାକୁ ପଡ଼ିପାରେ।

ଭାରତୀୟ ଅଧିନାୟକ ୭ ଜଣ ବିଶେଷଜ୍ଞ ବ୍ୟାଟରଙ୍କ





ସହ ୪ ଦ୍ରୁତ ବୋଲରଙ୍କୁ ଖେଳାଇବାକୁ ସଙ୍କେତ ଦେଇଥିବାରୁ ଅଲ୍‌ରାଉଣ୍ଡର ନୀତୀଶ କୁମାର ରେଡ୍ଡୀ ବେଞ୍ଚ୍‌ରେ ବସିପାରିନ୍ତି। ସେହିପରି ମହମ୍ମଦ ସିରାଜଙ୍କୁ ବୃତ୍ତାନ୍ତ ଏକାଦଶରେ ସ୍ଥାନ ପାଇବା ସନ୍ଦେହରେ ରହିଛି। ବୋଲିଂ ସହ ଅଂଶୁଲ କମ୍ବୋଜ, ଆକାଶ ଦୀପ ଭଲ ବ୍ୟାଟିଂ କରୁଥିବାରୁ, ଯଶପ୍ରୀତ ବୁମ୍‌ରାଙ୍କ ସହ ଏହି ଦୁହେଁ ଖେଳିପାରନ୍ତି। ଅନ୍ୟ ଗୋଟିଏ ସ୍ଥାନ ଲାଗି ସିରାଜ, ପ୍ରସିଦ୍ଧ କୃଷ୍ଣ ଓ ଗୁରନୂର ବ୍ରାରଙ୍କ ମଧ୍ୟରୁ ଜଣେ ଖେଳିବେ। ଏହା ଗତ କାଲି ଟସ୍ ପଡ଼ିବା ପୂର୍ବରୁ ନିଷ୍ପତ୍ତି ହେବ। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ ଘରୋଇ ମାଟିରେ ଇଂଲଣ୍ଡ ବିପକ୍ଷ ଟେଷ୍ଟ୍ ଶୃଙ୍ଖଳା ଜିତିଥିବାରୁ ଦୃଢ଼ ମନୋବଳରେ ରହିଛି। ଏପରିକି ଡବ୍ଲ୍ୟୁଟିସି ଫାଇନାଲ୍ ଦୌଡ଼ ଟେବୁଲରେ ଏହି ଦଳ ୭୨.୨୨ ପିସିଟି ସହ ଶୀର୍ଷରେ ଥିଲା ବେଳେ ଭାରତ (୫୨.୫୨) ଚତୁର୍ଥରେ ଅଛି। ଆହତ ଯୋଗୁଁ ଦଳଠୁ ଦୂରେଇ ରହିଥିବା ଡେଭନ କନୱେ, ରାଚିନ ରବୀନ୍ଦ୍ର ଓ ଟମ୍ ବ୍ଲୁଣ୍ଡେଲ ଫେରିବା ଟମ୍ ଲାଥମଙ୍କୁ ଆଶ୍ୱସ୍ତ କରିଛି। ତେବେ ମିଚେଲ ସାଣ୍ଟନର ଆହତ ଯୋଗୁଁବାଦ୍ ପଡ଼ିଥିବାରୁ ଅଲରାଉଣ୍ଡର ଗ୍ଲେନ୍ ଫିଲିପ୍ସ ଓ ଡାରିଲ ମିଚେଲ୍ ସ୍ପିନ୍ ଦାୟିତ୍ୱ ସମ୍ଭାଳିବେ। ବୁଧବାର ଏକ ଖବରଦାତା ସମ୍ମିଳନୀରେ ନ୍ୟୁଜିଲାଣ୍ଡ ଅଧିନାୟକ ଟମ ଲାଥମ କହିଛନ୍ତି, ଆମେ ୩ ଜଣ ଦ୍ରୁତ ବୋଲର ଏବଂ ଜଣେ ବୋଲିଂ ଅଲରାଉଣ୍ଡରଙ୍କ ସହ ଖେଳିବୁ। କାଇଲ ଜେମିସନ ଓ ମ୍ୟାଟ ହେନ୍‌ରୀଙ୍କ ଖେଳିବା ପ୍ରାୟ ନିଶ୍ଚିତ। ତେବେ ତୃତୀୟ ଦ୍ରୁତ ବୋଲର କିଏ ହେବେ, ସେ ନେଇ ଏପର୍ଯ୍ୟନ୍ତ କିଛି ସ୍ପଷ୍ଟ ହୋଇନାହିଁ।

ଓ୍ୱେଲିଂଟନ ଟେଷ୍ଟ ପୂର୍ବରୁ ନ୍ୟୁଜିଲାଣ୍ଡ ପାଇଁ ଏକ ଭଲ ଖବର ହେଉଛି ଯେ ମ୍ୟାଟ ହେନ୍‌ରୀ ମୁଣ୍ଡରେ ଆଘାତ ସମସ୍ୟାରୁ ସୁସ୍ଥ ହୋଇଛନ୍ତି। ଦିନିକିଆ ସିରିଜ ସମୟରେ ସେ ଆହତ ହୋଇଥିଲେ। ହେନ୍‌ରୀଙ୍କ ପ୍ରତ୍ୟାବର୍ତ୍ତନକୁ ନେଇ ଟମ ଲାଥମ କହିଛନ୍ତି, ମ୍ୟାଟ ଏବେ ଫିଟ ଅଛନ୍ତି। ଟେଷ୍ଟ କ୍ରିକେଟକୁ ଫେରିବା ପାଇଁ ସେ ଉତ୍ସାହିତ ଥିବେ ବୋଲି ମୋର ଆଶା।

ସେହିପରି କାଇଲ ଜେମିସନଙ୍କୁ ନେଇ ସେ କହିଛନ୍ତି, ସୀମିତ ଓଭର କ୍ରିକେଟରେ ସେ ଭଲ ବୋଲିଂ କରିଛନ୍ତି। ଗତ କିଛି ସପ୍ତାହ ଧରି ସେ କଠିନ ପରିଶ୍ରମ କରିଛନ୍ତି।

ଭାରତ (ସମ୍ଭାବ୍ୟ ୧୧): ଶୁବମନ ଗିଲ (ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, କେଏଲ୍ ରାହୁଲ, ଦେବଦତ୍ତ ପଡ଼ିକଲ, ଋଷଭ ପନ୍ତ (ୱିକେଟ୍‌କିପର), ଧ୍ରୁବ ଜୁରେଲ, ରବୀନ୍ଦ୍ର ଜାଦେଜା, ଅଂଶୁଲ କମ୍ବୋଜ, ଆକାଶ ଦୀପ, ଯଶପ୍ରୀତ ବୁମ୍‌ରା, ପ୍ରସିଦ୍ଧ କୃଷ୍ଣ/ଗୁରନୂର ବ୍ରାର/ମହମ୍ମଦ ସିରାଜ। ନ୍ୟୁଜିଲାଣ୍ଡ (ସମ୍ଭାବ୍ୟ ୧୧): ଟମ୍ ଲାଥମ (ଅଧିନାୟକ), ଡେଭନ କନୱେ, ହେନରି ନିକୋଲ୍ସ, ରାଚିନ ରବୀନ୍ଦ୍ର, ଡାରିଲ ମିଚେଲ, ଟମ ବ୍ଲୁଣ୍ଡେଲ (ୱିକେଟ୍‌କିପର), ଗ୍ଲେନ୍ ଫିଲିପ୍ସ, ନାଥନ ସ୍ମିଥ୍, କାଇଲ ଜାମିସନ, ମ୍ୟାଟ୍ ହେନରି, ଜାକବ ଡଫି/ବ୍ଲେୟର ଟିକନର।

ପାକିସ୍ତାନକୁ ହରାଇ ଭାରତ ସାଫ୍ ବିଜେତା

ନୂଆଦିଲ୍ଲୀ ୧୮।୧୧: ଦକ୍ଷିଣ ଏସିଆ ଫୁଟବଲ୍ ଫେଡେରେସନ୍ ଚାମ୍ପିଅନସିପ୍-୨୦୨୬ ଫାଇନାଲ୍‌ରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ପରାସ୍ତ କରିଛି ଭାରତ । ଢାକାର ବଙ୍ଗବନ୍ଧୁ ଜାତୀୟ ଷ୍ଟାଡିୟମରେ ଖେଳାଯାଇଥିବା ଏହି ରୋମାଞ୍ଚକର ମ୍ୟାଚ୍‌ରେ ଭାରତ ଦମଦାର ପ୍ରତ୍ୟାବର୍ତ୍ତନ କରି ପାକିସ୍ତାନକୁ ମାତ ଦେଇ ଐତିହାସିକ ବିଜୟ ହାସଲ କରିଛି । ଏହି ବିଜୟ ସହିତ ଭାରତ ପ୍ରଥମଥର ପାଇଁ କ୍ରମାଗତ ତୃତୀୟ ଥର ଏବଂ ମୋଟ ୧୦ ଥର ସାଫ୍ ଚାମ୍ପିଅନସିପ୍ ଟ୍ରଫି ନିଜ ନାଁରେ କରିଛି । ପ୍ରଥମାର୍ଦ୍ଧରେ ପାକିସ୍ତାନ ଦଳ ମୈଦାନରେ ନିଜର ଆଧିପତ୍ୟ ଜାହିର କରିଥିଲା । ମ୍ୟାଚ୍‌ର ପ୍ରଥମ ୪୫ ମିନିଟ୍ ମଧ୍ୟରେ ପାକିସ୍ତାନର ଖେଳାଳିମାନେ ଗେମ୍‌କୁ ନିୟନ୍ତ୍ରଣରେ ରଖିଥିଲେ । ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଶେଷ ହେବାକୁ ମାତ୍ର କିଛି ସମୟ ବାକିଥିବା ବେଳେ ପାକିସ୍ତାନଆଲମଗିର ଘାଜୀ ଏକ ଚମତ୍କାର କର୍ଲିଂ ଗୋଲ୍ ସ୍କର୍ କରି ଦଳକୁ ୧-୦ ଗୋଲ୍‌ରେ ଆଗୁଆ କରିଦେଇଥିଲେ । ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ଭାରତ ପଛରେ ରହିଥିଲା ।ଦ୍ୱିତୀୟାର୍ଦ୍ଧରେ ମ୍ୟାଚ୍‌ର ମୋଡ଼ ବଦଳିଯାଇଥିଲା । ମ୍ୟାଚ୍‌ର ୫୯ତମ ମିନିଟ୍‌ରେ ପାକିସ୍ତାନର ଜୁନୈଦ ରେଡ୍ କାର୍ଡ ପାଇ ମଇଦାନରୁ ବାହାରକୁ ଯାଇଥିଲେ । ଦଳ ୧୦ ଜଣିଆ ହୋଇଯିବାରୁ ଭାରତ ଏହାର ସୁଯୋଗ ନେଇ ଆକ୍ରମଣକୁ ତୀବ୍ର କରିଥିଲା । ଭାରତର ସୁହେଲ ଅହମଦ ଭଟ୍ଟ ଚମତ୍କାର ଗୋଲ୍ ଦେଇ ଭାରତକୁ ୧-୧ ଗୋଲ୍‌ରେ ବରାବର ସ୍ଥିତିକୁ ଆଣିଥିଲେ । ମ୍ୟାଚ୍ ଶେଷ ହେବାକୁ ମାତ୍ର କିଛି ମିନିଟ୍ ବାକିଥିବା ବେଳେ ଭାରତ ପାଇଁ ବିଜୟୀ ଗୋଲ କରିଥିଲେ ସନ୍ଦୀପ ମଣ୍ଡି । ୮୭ତମ ମିନିଟ୍‌ରେ ଏକ କର୍ନର କିକ୍‌କୁ ସୁନ୍ଦର ଭାବେ ହେଡର୍ ମାଧ୍ୟମରେ ଗୋଲ୍‌ରେ ପରିଣତ କରି ୨୪ ବର୍ଷୀୟ ସନ୍ଦିପ ମଣ୍ଡି ଭାରତ ପାଇଁ ବିଜୟ ସୁନିଶ୍ଚିତ କରିଥିଲେ । ଏହି ଚମତ୍କାର ବିଜୟ ସହ ଭାରତୀୟ ଯୁବ ଦଳ ପୁଣିଥରେ ଦକ୍ଷିଣ ଏସୀୟ ଫୁଟବଲରେ ନିଜର ଦବଦବା ଜାହିର କରିଛନ୍ତି ।



ୱିକେଟକିପିଂରେ ଲିଟନଙ୍କ ରେକର୍ଡ

ଢାକା/ଜୋହାନ୍ସବର୍ଗ,୧୮।୧୧: ଟେଷ୍ଟ କ୍ରିକେଟରେ ବାଂଲାଦେଶର ଖେଳାଳିମାନେ କ୍ରମାଗତ ଭାବେ ନିଜର ଦକ୍ଷତା ପ୍ରମାଣିତ କରୁଛନ୍ତି । ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ ଆଫ୍ରିକା ଭୂମିରେ ଚମତ୍କାର ପ୍ରଦର୍ଶନ ଜାରି ରଖିଥିବା ବେଳେ ବାଂଲାଦେଶର ଅଭିଜ୍ଞ ଉଇକେଟ୍ କିପର୍-ବ୍ୟାଟ୍ସମ୍ୟାନ୍ ଲିଟନ୍ ଦାସ ଏକ ବଡ଼ ବିଶ୍ୱ ରେକର୍ଡ ନିଜ ନାଁରେ କରିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ର ଗୋଟିଏ ଇନିଂସରେ ସର୍ବାଧିକ ଶିକାର କରି ୪୭ ବର୍ଷର ପୁରୁଣା ରେକର୍ଡକୁ ଧ୍ୱଂସ କରିଛନ୍ତି ଲିଟନ୍।ଜୋହାନ୍ସବର୍ଗର ୱାଣ୍ଡରର୍ସ ମଇଦାନରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାର ନିମ୍ନକ୍ରମର ବ୍ୟାଟ୍ସମାନେ ଦମଦାର ପ୍ରଦର୍ଶନ କରି ବାଂଲାଦେଶର ସ୍କୋରକୁ ଅତିକ୍ରମ କରିବା ସହ ୫୦୦ ରନ୍‌ର ବିଶାଳ ସ୍କୋର ଛିଡ଼ା କରିଥିଲେ । ମାତ୍ର ଏହି ସମୟରେ ଉଇକେଟ୍ ପଛରେ ଲିଟନ୍ ଦାସଙ୍କ ଯାଦୁ ଦେଖିବାକୁ ମିଳିଥିଲା ।



ଲିଟନ୍ ଦାସ ପ୍ରଥମେ ରାୟନ ରିକଲ୍‌ଟନ୍‌ଙ୍କୁ ଷ୍ଟମ୍ପ ଆଉଟ୍ କରି ପାକିସ୍ତାନର ପୂର୍ବତନ ଉଇକେଟ୍ କିପର୍ ୱାସିମ୍ ବାରୀଙ୍କ ସମେତ ୫ ଜଣ କିପରଙ୍କ ରେକର୍ଡର ସମକକ୍ଷ ହୋଇଥିଲେ । ଏହାପରେ କାଗିସୋ ରାବାଡ଼ାଙ୍କ କ୍ୟାଚ୍ ଧରି ସେ ସମସ୍ତ ରେକର୍ଡକୁ ପଛରେ ପକାଇ ଦେଇଥିଲେ । ଏହି ଇନିଂସରେ ଲିଟନ୍ ମୋଟ ୮ଟି ଶିକାର (୬ଟି କ୍ୟାଚ୍ ଏବଂ ୨ଟି ଷ୍ଟମ୍ପିଂ) କରି ଟେଷ୍ଟ ମ୍ୟାଚ୍‌ର ଗୋଟିଏ ଇନିଂସରେ ସର୍ବାଧିକ ଶିକାର କରିଥିବା ବିଶ୍ୱର ପ୍ରଥମ ଉଇକେଟ୍ କିପର୍ ହୋଇପାରିଛନ୍ତି ।୧୯୭୯ ମସିହାରେ ନ୍ୟୁଜିଲାଣ୍ଡ ବିପକ୍ଷରେ ପାକିସ୍ତାନର ୱାସିମ୍ ବାରୀ ଗୋଟିଏ ପାଳିରେ ୭ଟି ଶିକାର କରି ବିଶ୍ୱ ରେକର୍ଡ କରିଥିଲେ । ତାଙ୍କ ପରେ ବବ୍ ଟେଲର (ଇଂଲଣ୍ଡ), ଇଆନ୍ ସ୍ମିଥ୍ (ନ୍ୟୁଜିଲାଣ୍ଡ), ରିଡ୍‌ଲେ ଜ୍ୟାକବ୍ସ (ୱେଷ୍ଟଇଣ୍ଡିଜ୍) ଏବଂ ଜୋଶୁଆ ଡା ସିଲଭା (ୱେଷ୍ଟଇଣ୍ଡିଜ୍) ମଧ୍ୟ ୭-୭ ଲେଖାଏ ଆଉଟ୍ କରିଥିଲେ। କିନ୍ତୁ ଲିଟନ୍ ଦାସ ନିଜର ୬୦ତମ ଟେଷ୍ଟ ମ୍ୟାଚ୍‌ରେ ଏହି ଐତିହାସିକ ସଫଳତା ହାସଲ କରି ସମସ୍ତଙ୍କୁ ପଛରେ ପକାଇ ଦେଇଛନ୍ତି ।

ଜୀବନ ପ୍ରତି ବିପଦ ଥିବାରୁ ଦେଶ ଛାଡିଥିଲି : ଲଳିତ

ଲଣ୍ଡନ,୧୮।୧୧(ଏଜେନ୍ସି): ଆଇପିଏଲର ପ୍ରତିଷ୍ଠାତା ଲଳିତ ମୋଦୀ ତାଙ୍କୁ ବ୍ରିଟିଶ ନାଗରିକତା ପ୍ରଦାନ କରାଯିବା ଏବଂ ଭାରତ ଛାଡିବା ସମ୍ପର୍କରେ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ନେଇ ସଫେଇ ଦେଇ କହିଛନ୍ତି ଯେ, ସେ କୌଣସି ଅପରାଧିକ ଅଭିଯୋଗରୁ ରକ୍ଷା ପାଇବା ପାଇଁ ଭାରତରୁ ପଳାୟନ କରି ନାହାନ୍ତି, ବରଂ ଅଣ୍ଡରୱାର୍ଲ୍ଡରୁ ତାଙ୍କ ଜୀବନ ପ୍ରତି ବିପଦ ଥିବାରୁ ୨୦୧୦ ମସିହାରେ ଦେଶ ଛାଡିଛନ୍ତି।

ତାଙ୍କର ଦେଶ ଛାଡ଼ିବାର ତିନି ଦିନ ପୂର୍ବରୁ ବିନା ନୋଟିସ୍‌ରେ ତାଙ୍କର ସଶସ୍ତ୍ର ପୁଲିସ ସୁରକ୍ଷାକୁ ହଟାଇ ଦିଆଯାଇଥିଲା। ଭାରତ ଛାଡିବା ସମୟରେ ତାଙ୍କ ବିରୋଧରେ କୌଣସି ଏଫଆଇଆର ରୁଜୁ ହୋଇନଥିଲା।ତାଙ୍କ ବିରୋଧରେ କୌଣସି ମନି ଲଣ୍ଡରିଂ ମାମଲା କିମ୍ବା ମାମଲା ନାହିଁ। ଇଣ୍ଟରପୋଲ୍ ମଧ୍ୟ ଲିଖିତ ଭାବରେ ନିଶ୍ଚିତ କରିଛି ଯେ ତାଙ୍କ ବିରୋଧରେ କୌଣସି ଅପରାଧିକ ସତର୍କ ନୋଟିସ୍‌ର କୌଣସି ରେକର୍ଡ ନାହିଁ।



ସେ କହିଛନ୍ତି,ଆଇପିଏଲର ଦ୍ୱିତୀୟ ସିଜିନ୍ ଆୟୋଜନ କରିବା ପାଇଁ ତାଙ୍କ ଉପରେ ଲାଗୁ ହୋଇଥିବା ବ୍ୟକ୍ତିଗତ ଜରିମାନାକୁ ମଧ୍ୟ ଆପିଲେଟ୍ ଟ୍ରିବ୍ୟୁନାଲ୍ ସମ୍ପୂର୍ଣ୍ଣ ରଦ୍ଦ କରିଦେଇଛନ୍ତି। ସେ କହିଛନ୍ତି ଯେ, ମୁମ୍ବାଇ ପୁଲିସର ତତ୍କାଳୀନ ଅତିରିକ୍ତ କମିସନର ମଧ୍ୟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ଲେଖିଥିବା ଏକ ଚିଠିରେ ସ୍ୱୀକାର କରିଥିଲେ ଯେ, କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକରୁ ମିଳିଥିବା ଗୁପ୍ତ ସୂଚନା ଆଧାରରେ ତାଙ୍କୁ ସୁରକ୍ଷା ଯୋଗାଇ ଦିଆଯାଇଥିଲା। ଇଡିର ଅନୁରୋଧ କ୍ରମେ ତାଙ୍କର ଭାରତୀୟ ପାସପୋର୍ଟ ରଦ୍ଦ କରାଯାଇଥିଲା, କିନ୍ତୁ ୨୦୧୪ ମସିହାରେ ଦିଲ୍ଲୀ ହାଇକୋର୍ଟ ଏହି ନିଷ୍ପତ୍ତିକୁ ବାତିଲ କରି ତାଙ୍କ ପାସପୋର୍ଟକୁ ପୁନଃସ୍ଥାପିତ କରିଥିଲେ।

ସେ ଦାବି କରିଛନ୍ତି ଯେ, ତାଙ୍କ ବିରୋଧରେ ଭାରତୀୟ କୋର୍ଟରେ କୌଣସି ଚାର୍ଜସିଟ୍ ଦାଖଲ କରାଯାଇ ନାହିଁ, କିମ୍ବା କୌଣସି ଅପରାଧିକ ମାମଲା ଆରମ୍ଭ କରାଯାଇ ନାହିଁ। ଗଣମାଧ୍ୟମର ଏକ ଅଂଶ ତାଙ୍କର ବ୍ରିଟିଶ ନାଗରିକତାକୁ ଏପରି ଚିତ୍ରଣ କରୁଛି ଯେପରି ସେ ଅଭିଯୋଗରୁ ରକ୍ଷା ପାଇବା ପାଇଁ ଭାରତରୁ ପଳାୟନ କରିଛନ୍ତି ଏବଂ ଭାରତ ସରକାର ଏବେ ତାଙ୍କୁ ପ୍ରତ୍ୟର୍ପଣ ବାକୁ ଚେଷ୍ଟା କରୁଛନ୍ତି। ସେ ଏହି ରିପୋର୍ଟଗୁଡ଼ିକୁ ମିଥ୍ୟା ଏବଂ ମାନହାନିଜନକ ବୋଲି କହିଛନ୍ତି।

ଅକ୍ଟୋବର ୨୦୧୦ରେ ଚେନ୍ନାଇରେ ଦାୟର ହୋଇଥିବା ଏଫଆଇଆରକୁ ପ୍ରତିଶୋଧର କାର୍ଯ୍ୟ ବୋଲି ଦର୍ଶାଇ ସେ ଅଭିଯୋଗ କରିଛନ୍ତି, ତତ୍କାଳୀନ ବିସିସିଆଇ ସଚିବ ଏନ. ଶ୍ରୀନିବାସନ ତାଙ୍କୁ ଆଇପିଏଲରୁ ବାହାର କରିବା ଉଦ୍ଦେଶ୍ୟରେ ଅଭିଯୋଗ ଦାଖଲ କରିଥିଲେ। ବିସିସିଆଇ ଅଧିକାରୀ, ଆଇପିଏଲ ଗଭର୍ନ୍ସିଂ କାଉନସିଲର ସଦସ୍ୟ ଏବଂ ଚେନ୍ନାଇ ସୁପର କିଙ୍ଗସର ମାଲିକ ଭାବରେ ଶ୍ରୀନିବାସନଙ୍କ ପଦବୀ ଅଡୁଆରେ ପଡ଼ିଥିଲା।ବ୍ରିଟିଶ ନାଗରିକତା ସମ୍ପର୍କରେ ସେ କହିଛନ୍ତି, ୨୦୧୦ ମସିହାରୁ ବ୍ରିଟେନ ତାଙ୍କର ଘର ପାଲଟିଛି। ଗତ ୧୬ ବର୍ଷ ଧରି ସେ ବ୍ରିଟେନରେ ରହୁଛନ୍ତି। ବ୍ରିଟେନ ସରକାର ପ୍ରଥମେ ତାଙ୍କୁ ରହିବାକୁ ଅନୁମତି ଦେଇଥିଲେ ଏବଂ ତା'ପରେ ସେ ନିର୍ଦ୍ଧାରିତ ଆଇନଗତ ପ୍ରକ୍ରିୟା ପୂରଣ କରିବା ପରେ ବ୍ରିଟିଶ ନାଗରିକତା ପାଇଁ ଆବେଦନ କରିଥିଲେ। ଜୁଲାଇ ୨୦୨୬ରେ ୟୁକେ ଗୃହ କାର୍ଯ୍ୟାଳୟ ତାଙ୍କ ଆବେଦନକୁ ମଞ୍ଜୁର କରିଥିଲେ। ସେ କହିଛନ୍ତି,ମୋର କୌଣସି ଆଇନଗତ ଛାଡ଼ କିମ୍ବା ସୁରକ୍ଷାର ଆବଶ୍ୟକତା ନାହିଁ। ସେ ବ୍ରିଟିଶ ନାଗରିକତା ପାଇ ଖୁସି ଏବଂ ୟୁକେ ପ୍ରତି କୃତଜ୍ଞ, ଯେଉଁଠାରେ ସେ ଗତ ୧୬ ବର୍ଷ ଧରି ରହୁଛନ୍ତି।

ହକି ଇଣ୍ଡିଆ ନିର୍ବାଚନ ସ୍ଥଗିତ: ଅନ୍ତରୀଣ ରହିତାଦେଶ ହଟାଇବାକୁ ହୋଇଥିବା ଆବେଦନ ଖାରଜ କଲେ ହାଇକୋର୍ଟ

କଟକ,୧୮।୧୧: ହକି ଇଣ୍ଡିଆ ନିର୍ବାଚନ ପ୍ରକ୍ରିୟାକୁ ସ୍ଥଗିତ ରଖିଛନ୍ତି ମାନ୍ୟବର ଓଡ଼ିଶା ହାଇକୋର୍ଟ । ନିର୍ବାଚନ ଉପରେ ପୂର୍ବରୁ ଲାଗିଥିବା ଅନ୍ତରୀଣ ରହିତାଦେଶକୁ ପ୍ରତ୍ୟାହାର କରିବା ପାଇଁ ହକି ଇଣ୍ଡିଆ ପକ୍ଷରୁ ଦାଖଲ ହୋଇଥିବା ଆବେଦନକୁ କୋର୍ଟ ସମ୍ପୂର୍ଣ୍ଣ ଭାବେ ଖାରଜ କରିଦେଇଛନ୍ତି । ହାଇକୋର୍ଟଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଫଳରେ ହକି ଇଣ୍ଡିଆ ନିର୍ବାଚନ ଉପରେ ଲାଗିଥିବା ରୋକ୍ ବଳବତ୍ତର ରହିଛି ।

ସୂଚନା ଅନୁଯାୟୀ, ଓଡ଼ିଶା ସରକାର ହକିର ବିକାଶ ତଥା ହକି ଇଣ୍ଡିଆକୁ ବାର୍ଷିକ ୩୫ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି । ଏହା ସହିତ 'ହକି ଆସୋସିଏଶନ୍ ଅଫ୍ ଓଡ଼ିଶା' ହେଉଛି ହକି ଇଣ୍ଡିଆର ଜଣେ ସ୍ଥାୟୀ ସଦସ୍ୟ । ତେବେ ନିର୍ବାଚନ ପୂର୍ବରୁ ହକି ଆସୋସିଏଶନ୍ ଅଫ୍ ଓଡ଼ିଶାକୁ ସ୍ଥାୟୀ ସଦସ୍ୟ ବଦଳରେ ସହଯୋଗୀ ସଦସ୍ୟ (ଇସ୍ପସ୍ପକ୍ଟମସବସ୍ପର ଗରଞ୍ଜଭରକ୍ଟ) ଭାବେ ଦର୍ଶାଇ ନୋଟିସ୍ ଜାରି କରାଯାଇଥିଲା । ଏଭଳି ପଦକ୍ଷେପ ଫଳରେ ହକି ଆସୋସିଏଶନ୍ ଅଫ୍ ଓଡ଼ିଶା ନିର୍ବାଚନରେ ନିଜର ଭୋଟିଂ କ୍ଷମତା ହରାଇଥିଲା ।ଏହି ଅନ୍ୟାୟ ବିରୋଧରେ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ କୋର୍ଟ ନିର୍ବାଚନ ଉପରେ ଅନ୍ତରୀଣ ରହିତାଦେଶ ଜାରି କରିଥିଲେ । ପରବର୍ତ୍ତୀ ସମୟରେ ହକି ଇଣ୍ଡିଆ ଏହି ନିର୍ଦ୍ଦେଶକୁ ଚାଲେଞ୍ଜ କରି ରହିତାଦେଶ ପ୍ରତ୍ୟାହାର ପାଇଁ ଆବେଦନ କରିଥିଲା, ଯାହାକୁ ଶୁଣାଣି କରି ମାନ୍ୟବର ହାଇକୋର୍ଟ ଅଗ୍ରାହ୍ୟ କରିବା ସହ ଖାରଜ କରିଦେଇଛନ୍ତି ।

ପଡ଼ିଆରେ ଯୁବ ଖେଳାଳିଙ୍କ ମୃତ୍ୟୁ

ନୂଆଦିଲ୍ଲୀ୧୮।୧୧: ମ୍ୟାଚ୍ ସମୟରେ ଜଣେ ଖେଳାଳିଙ୍କର ମୃତ୍ୟୁ ଘଟିଛି। ଏକ ଦମଦାର ସର୍ଟ ଜଣେ ଖେଳାଳିଙ୍କର ମୁଣ୍ଡରେ ବାଜିଛି, ଯେଉଁଥିରେ ତାଙ୍କର ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣା ଖେଳ ପଡ଼ିଆ ଏବଂ ପଡ଼ିଆରେ ଖେଳାଳିଙ୍କର ସୁରକ୍ଷା ତଥା ଜରୁରୀକାଳୀନ ଚିକିତ୍ସା ବ୍ୟବସ୍ଥାକୁ ନେଇ ପୁଣି ଥରେ ପଶ୍ଚବାଚୀ ସୃଷ୍ଟି କରିଛି। ରିପୋର୍ଟ ଅନୁସାରେ